## ସଂକ୍ଷେପରେ

### ଶିକ୍ଷକ ପାଉଛନ୍ତି ୨ଟି ଭତ୍ତା: ସାମୟିକ ଉତ୍ତେଜନା

**କେନ୍ଦ୍ରାପଡା ଅଫିସ, ୨୬।୩:** ଚଳିତ ନିର୍ବାଚନ ଶିକ୍ଷକଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଏକା ଦିନରେ ଦୁଇଟି ସ୍ଥାନରେ ଉପସ୍ଥାନ ଦର୍ଶାଇ ଦୁଇଟି ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ଏନେଇ କେତେଜଣ ଶିକ୍ଷକ ମଙ୍ଗଳବାର ଆପତ୍ତି କରିବା ପରେ ଘଟଣା ପଦାକୁ ଆସିଛି। ଏହାକୁ କେନ୍ଦ୍ର କରି ସହରର ଉର୍ଦ୍ଧ୍ୱ ଲାଇବ୍ରେରୀରେ ସାମୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ, ଏହି ଲାଇବ୍ରେରୀରେ ଆଗାମୀ ନିର୍ବାଚନ ପାଇଁ ପୋଲିଂ ଅଫିସର ଭାବେ ନିଯୁକ୍ତ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ତାଲିମ ପ୍ରଦାନ ସମୟ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରହିଛି। ଅପରପକ୍ଷରେ ଗତ ୨୪ରୁ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି। ଏହାର ସମୟ ମଧ୍ୟ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରହିଛି। ତେବେ ଖାତା ଦେଖା ଦାୟିତ୍ୱରେ ଥିବା ଶିକ୍ଷକମାନେ କିଛି ନିର୍ବାଚନ ତାଲିମରେ ଭାଗ ନେବା ପରେ ଖାତା ଦେଖିବାକୁ ଚାଲିଯାଉଛନ୍ତି। ସମ୍ପୃକ୍ତ ଶିକ୍ଷକମାନେ ଖାତାଦେଖା ଓ ନିର୍ବାଚନ ପାଇଁ ଉଭୟ ସ୍ଥାନରୁ ଭତ୍ତା ନେଉଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଦାଶରଥି ଶତପଥୀ କୁହନ୍ତିଯେ, ଏପରି ଅଭିଯୋଗ ଅଦ୍ୟାବଧି ଦୃଷ୍ଟିଗୋଚର ହୋଇନାହିଁ। ଅଭିଯୋଗ ମିଳିଲେ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ କରାଯାଇ ନିର୍ବାଚନ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ତାଲିମ ଦିଆଯିବ।

### ନିଆରା ଢଙ୍ଗରେ ହୋଲି

**ଡେରାବିଶ, ୨୬।୩ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ କୁରୁଜଙ୍ଗା ଗ୍ରାମରେ ସୋମବାର ସନ୍ଧ୍ୟାରେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀ ନିଆରା ଢଙ୍ଗରେ ହୋଲି ଖେଳି ପ୍ରଦୁଷଣ କମ୍ କରିବାକୁ ଚେଷ୍ଟା କରିଥିଲେ। କୁରୁଜଙ୍ଗା ଗ୍ରାମର ସାମାଜିକ କର୍ମୀ ଅଭିମନ୍ୟୁ ରାଉତଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଯୁବତୀଯୁବକ ରାଧାକୃଷ୍ଣ ମନ୍ଦିର ବେଢ଼ାରେ ଉପସ୍ଥିତ ହୋଇଥିଲେ। ଦଧିକଳସ ଓ ରଙ୍ଗ କଳସକୁ ରାଉତ ଭାଙ୍ଗିବା ପରେ ପରସ୍ପର ମଧ୍ୟରେ ରଙ୍ଗଖେଳ ହୋଇଥିଲା। ପରେ ସମସ୍ତ ଯୁବତୀଯୁବକ ସ୍ୱଚ୍ଛ ଭାରତ, ବୃକ୍ଷରୋପଣ, ନିଶା ନିବାରଣ ଭଳି ସାମାଜିକ କାର୍ଯ୍ୟ ନିମନ୍ତେ ସଚେତନତା ସୃଷ୍ଟି କରିବା ନିମନ୍ତେ ପଞ୍ଚାୟତ ପରିକ୍ରମା କରିଥିଲେ। ରଙ୍ଗ କମିଟି ଆବାହକ ସଞ୍ଜୀବ କୁମାର ନାୟକ, ପଙ୍କଜ କୁମାର ସାହୁ, ଆୟୋଜିତ କୁମାର ରାଉତ, ଶୁକଦେବ ସାହୁ, ଅସିତ କୁମାର ମହାନ୍ତି ଓ ମହିଳା ସ୍ୱେଚ୍ଛାସେବୀ ସଂଯୁକ୍ତା ସାମଲ, କଳ୍ପନା ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ସ୍ମୃତିରାଣୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ

# ଗଡ଼ରକ୍ଷା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

**କେନ୍ଦ୍ରାପଡା ଅଫିସ, ୨୬।୩**

କେନ୍ଦ୍ରାପଡ଼ାର ରାଜନେତାମାନେ ରାଜ୍ୟ ତଥା ଜାତୀୟସ୍ତରର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ଏହି ଆସନରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୭୭, ୧୯୮୦ ଓ ୧୯୮୪ରେ ଜନତା ପାର୍ଟି ତରଫରୁ ୩ ଥର ନିର୍ବାଚନ ଜିତିଥିଲେ। ତାଙ୍କ ମୃତ୍ୟୁ ପରେ ବିଜେଡି ଗଠନ ହେବା ପରଠାରୁ ଏହି ଆସନ ବିଜେଡି ଗଡ ରହିଆସିଛି। ୧୯୯୯ରେ ପ୍ରଭାତ ସାମନ୍ତରାୟ, ୨୦୦୪ରେ ଅର୍ଚ୍ଚନା ନାୟକ, ୨୦୦୯ ଓ ୨୦୧୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଏଠାରୁ ଜିତି ବିଜେଡିର ସ୍ଥିତି ମଜଭୁତ କରିଛନ୍ତି। ଏବେ କିନ୍ତୁ ପରିସ୍ଥିତି ବଦଳିଯାଇଛି। ବୈଜୟନ୍ତଙ୍କୁ ବିଜେଡିରୁ ବହିଷ୍କୃତ କରାଯିବା ପରେ ସେ ଭାଜପାରେ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଏଥିସହ ଆଗାମୀ ନିର୍ବାଚନରେ ସେ ଏହି ଆସନ ପାଇଁ ଭାଜପା ପକ୍ଷରୁ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ୨୦୧୮ରେ ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଥିଲେ ମଧ୍ୟ ପୁନର୍ବାର ଭାଜପାକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଜେଡି ପାଇଁ ଚଳିତ ନିର୍ବାଚନ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି। ଏହି ଗଡ଼ ରକ୍ଷା କରିବା ଏବେ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୨୯ରେ ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ୨ରୁ ୯ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ଏହି ସଂସଦୀୟ କ୍ଷେତ୍ର ମଧ୍ୟରେ କଟକ ଜିଲାର ସାଲେପୁର, ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ସହ କେନ୍ଦ୍ରାପଡା ଜିଲାର ପାଟକୁରା, କେନ୍ଦ୍ରାପଡା, ଆଳି, ରାଜନଗର ଓ ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏଠାରେ ୩ୟ ସ୍ଥାନରେ ଥିବା ବେଳେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାର ୩୨ଟି ଜିଲା ପରିଷଦ ଜୋନରୁ ୧୦ଟି ଅକ୍ତିଆର କରି ୨ୟ ସ୍ଥାନରେ ରହିଛି। ଏପରି ସ୍ଥିତିରେ ଏହି ଆସନକୁ ଦଖଲ କରିବା ପାଇଁ ଭାଜପା ଜୋର୍‌ଦାର ପ୍ରୟାସ ଚଳାଇଛି।

ଏପର୍ଯ୍ୟନ୍ତ ଭାଜପା ବ୍ୟତୀତ ଅନ୍ୟ କୌଣସି ଦଳ ଏଠାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହାନ୍ତି। ତେବେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ରାଜନୀତି ସରଗରମ ହୋଇଛି।

ଏସମ୍ପର୍କରେ ରାଜନୈତିକ ବିଶ୍ଳେଷକ ଚିତ୍ତରଞ୍ଜନ ସାହୁ, ରାଧାକାନ୍ତ ମହାନ୍ତି, ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି ଯେ, ଏହି ଆସନରୁ ବିଜୟ ଓ ବୈଜୟନ୍ତଙ୍କ ମେଳିକୁ ପ୍ରତିହତ କରିବା ପାଇଁ ବିଜେଡି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଚୟନ ଆବଶ୍ୟକ। ପୂର୍ବରୁ ରାଜ୍ୟ ବିଜେଡି ସମ୍ପାଦକ ପ୍ରମୋଦ ସାହୁ, ଅଭିନେତା ଅନୁଭବ ମହାନ୍ତି, ଆଇଏଏସ୍ ଅଧିକାରିଣୀ ସୁଜାତା କାର୍ତ୍ତିକେୟନ, ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ନାମ ଆଶାୟୀ ତାଲିକାରେ ଥିବାବେଳେ ଏବେ ଦିଲୀପ ରାୟଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି । ସେ ଏପର୍ଯ୍ୟନ୍ତ ବିଜେଡିରେ ଯୋଗଦେଇ ନଥିବା ବେଳେ ତାଙ୍କୁ ପ୍ରାର୍ଥୀ କରିବା ଲାଗି ବିଚାର ଚାଲିଛି। ଏଥିସହ ବିଜୟଙ୍କ ଏକାନ୍ତ ସହଯୋଗୀ୨୬ ନଂ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଭାଜପା ଛାଡି ବିଜେଡିରେ ଯୋଗଦେବା ସମ୍ଭାବନା ରହିଛି। ଏନେଇ ବିଜେଡି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସାମଲ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ହେଲେ ବିଜୟ ଓ ବୈଜୟନ୍ତଙ୍କ ମେଳିରେ ଫାଟ ସୃଷ୍ଟି ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଏହାଦ୍ୱାରା ଭାଜପାକୁ ଚେକ୍ ଦିଆଯାଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ସେହିପରି ଏହି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ପୁନର୍ବାର ପ୍ରାର୍ଥୀ କରିବା ଲାଗି ଚର୍ଚ୍ଚା ହେଉଛି । ଏପରିସ୍ଥଳେ ସବୁଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

■ ବୈଜୟନ୍ତଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ତଦନ୍ତ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡା ଅଫିସ, ୨୬।୩**

କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀରେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଘୋଷିତ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ପକ୍ଷରୁ ଅନୁମତି ବିନା ପ୍ରଚାର ଗାଡି ବୁଲୁଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ପକ୍ଷରୁ ଏପରି ଅଭିଯୋଗ ହେବା ପରେ ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟକୁ ସୋମବାର ଏକ ଚିଠି ଆସିଛି। ଏନେଇ ତଦନ୍ତ ରିପୋର୍ଟ ଦିଆଯାଇଛି ବୋଲି ଜିଲାପାଳ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟଯେ, ଗତ ମାର୍ଚ୍ଚ ୧୦ ତାରିଖରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ଅଦ୍ୟାବଧି ୩ଟି ଅଭିଯୋଗର ତଦନ୍ତ ହୋଇଛି। ପ୍ରଥମ ଅଭିଯୋଗ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି କରିଥିଲେ। ବିଜେଡି ପକ୍ଷରୁ ପ୍ରଚାର ସମୟରେ ପ୍ରତ୍ୟେକଙ୍କ ଘରେ ଶଙ୍ଖଚିହ୍ନ ସହ ନବୀନ ପଟ୍ଟନାୟକଙ୍କ ପୋଷ୍ଟରକୁ ବ୍ୟବହାର କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ସେହିପରି ଅଂଶୁମାନଙ୍କ ବିରୋଧରେ ଗତ ୨୪ରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଜିଲା ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ରାଜନଗର ବିଧାୟକ ଅଂଶୁମାନ ତାଙ୍କର ସମ୍ମାନହାନି ହେବା ପରି ଗଣମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଏବେ ବୈଜୟନ୍ତଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରାଯାଇଛି।

■ ଅଜୟଙ୍କୁ ଟିକେଟ ଦେବା ଦାବିରେ ପ୍ରବାସୀ ଓଡିଆ ଅଣ୍ଟା ଭିଡ଼ିଲେ

## ଦିଲ୍ଲୀ ଭାଜପା ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ରାଜନଗର, ୨୬।୩(ଡିଏନଏ)**

କେନ୍ଦ୍ରାପଡା ଜିଲାର ସମ୍ବେଦନଶୀଳ ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କୁ ପ୍ରାର୍ଥୀ କରାଯାଇଛି। ଏହାକୁ ବିରୋଧ କରି ଭାଜପା କର୍ମୀମାନେ ସ୍ଥାନୀୟ ଯୁବନେତା ଅଜୟ କୁମାର ବେହେରାଙ୍କୁ ପ୍ରାର୍ଥୀ କରିବା ପାଇଁ ଅଡି ବସିଛନ୍ତି। ଏପରି କି ନିକଟରେ ତାଙ୍କ ସମର୍ଥକମାନେ ଅଲେଖ ହଟାଅ ଦାବିରେ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଭାଜପା କାର୍ଯ୍ୟାଳୟ ଆଗରେ ଅଜୟଙ୍କ ସମର୍ଥକ ପ୍ରବାସୀ ଓଡିଆଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଲେଖଙ୍କୁ ହଟାଇ ଅଜୟଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ଦାବି କରିଥିଲେ। ପ୍ରଥମଥର ପାଇଁ ରାଜନଗର ନିର୍ବାଚନମଣ୍ଡଳୀ ନିମନ୍ତେ ଘୋଷିତ ଭାଜପା ପ୍ରାର୍ଥୀ ପରିବର୍ତ୍ତନ ଦାବି ନେଇ ଦିଲ୍ଲୀ ଦରବାରରେ ବିକ୍ଷୋଭ ପ୍ରଦର୍ଶନ



ଭାଜପା କାର୍ଯ୍ୟାଳୟ ଆଗରେ ପ୍ରବାସୀ ଓଡ଼ିଆଙ୍କ ବିକ୍ଷୋଭ।

### ଭାଜପାରେ ଫାଟ

ହେବା ଘଟଣା ରାଜନଗର ରାଜନୈତିକ ପାଣିପାଗରେ ଉଷ୍ମତା ଭରି ଦେଇଛି।

ଆଦର୍ଶ ଉତ୍କଳ ସମାଜ, ଫରିଦାବାଦ ଓଡିଆ ଫାଉଣ୍ଡେସନ, ଶ୍ରୀକ୍ଷେତ୍ର ଫାଉଣ୍ଡେସନ, ପ୍ରବାସୀ ଓଡିଆ ପରିବାର, ଜୟ ଜଗନ୍ନାଥ ଓଡିଆ ସଂଘ, ନୋଏଡା ଜଗନ୍ନାଥ ମନ୍ଦିର, ରୋହିଣୀ ଜଗନ୍ନାଥ ମନ୍ଦିର, ଝିଲମିଲ ଜଗନ୍ନାଥ ମନ୍ଦିର, ଜୟ ଜଗନ୍ନାଥ ଓଡିଆ ସଂଘ, ବିକାଶପୁର ଗଣେଶ ପୂଜା କମିଟି , ସୁଖ ଦୁଃଖର ସାଥି ଫାଉଣ୍ଡେସନର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସଂଗଠନର ବିଶ୍ୱଜିତ ବାରିକ, ବିଭୁ ପ୍ରସାଦ ସାହୁ, ରଞ୍ଜନ କୁମାର ପରିଡା, ବାସୁଦେବ ରାଉତ, ଅଖିଳ ସାହୁ, ଗଙ୍ଗାଧର ରାଉତ, ସୁରେନ୍ଦ୍ର କୁମାର ରାଉତ, ସନାତନ ରାଉତ, ବିଜୟ ବେହେରା, ସଞ୍ଜୟ ସାହୁ, ବାସୁଦେବ ପ୍ରଧାନ, ଅମର ମଲ୍ଲିକ, ସୁବ୍ରତ ଓଝା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଶିଶୁ ମଙ୍ଗଳ ଯୁବକ ସଂଘ ନୂତନ ଗୃହ ଉଦ୍‌ଘାଟିତ

**ଆଳି, ୨୬।୩ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ ଚଣ୍ଡିଆଗଡ଼ି ପଞ୍ଚାୟତ ମାଳପାଟଣା ଗ୍ରାମସ୍ଥିତ ଶିଶୁ ମଙ୍ଗଳ ଯୁବକ ସଂଘ ନୂତନ ଗୃହକୁ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ନାରାୟଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ପ୍ରତାପ ଦେବ ମୁଖ୍ୟଅତିଥି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଚଣ୍ଡିଆଗଡ଼ି ସରପଞ୍ଚ ସସ୍ମିତା ମିଶ୍ର, ସମିତିସଭ୍ୟା ପ୍ରମିଳା ବେହେରା, ଯୁବନେତା ସନାତନ ମିଶ୍ର, ରାଜକନିକା ପୂର୍ବତନ ତହସିଲଦାର ଦୁର୍ଗାଚରଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିଶୁ ମଙ୍ଗଳ ଯୁବକ ସଂଘ ସଭାପତି ଅଶ୍ୱିନୀ କୁମାର ସାହୁ ଓ ସମ୍ପାଦକ ଗୌତମ କୁମାର ଲେଙ୍କା ପରିଚାଳନା କରିଥିଲେ। ବାବି ଲେଙ୍କା, ବାଇନ ସାହୁ, ଶ୍ରୀକାନ୍ତ ସାହୁ, ରୁଦ୍ରକାନ୍ତ ଲେଙ୍କା, ଦିବାକର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗିରିବନ୍ଧକୁ ହରାଇ ମା' ଖରାଖାଇ ଚାମ୍ପିୟନ


ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଆଳି, ୨୬।୩ (ଡି.ଏନ୍.ଏ.)**

ଗିରିବନ୍ଧ ଖେଳପଡିଆଠାରେ ଆଳି ବ୍ଲକ ଦେମାଳ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ଉଦ୍‌ଯାପନୀ ଦିବସ। ଉଦ୍‌ଯାପନୀ ଦିବସରେ ଗିରିବନ୍ଧ ୟଙ୍ଗଷ୍ଟାର କ୍ଲବ ଓ ମା' ଖରାଖାଇ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟଙ୍ଗଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୬୬ ରନ ସଂଗ୍ରହ କରିଥିଲା ବେଳେ ଖରାଖାଇ ଟିମ ଆବଶ୍ୟକ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ଯାଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ଅତିଥି ଭାବେ ଯୋଗଦେଇ ଖରାଖାଇ ଟିମକୁ ଚାମ୍ପିୟନ ଟ୍ରଫି ଓ ୟଙ୍ଗଷ୍ଟାର କ୍ଲବକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ପ୍ରତାପ କୁମାର ରାୟଙ୍କୁ ମ୍ୟାନ୍ ଅଫ ଦି ସିରିଜ ଓ ଚିଣ୍ଟୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବାପିନା ପାତ୍ର ଓ କଳିଙ୍ଗ ସେନାପତି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଦେମାଳ ପଞ୍ଚାୟତ ବିଜୁ ଯୁବବାହିନୀ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଅଣକଂଗ୍ରେସ ଗଡ଼ : ବିଜେଡିରୁ ଆଶାୟୀଙ୍କ ସଂଖ୍ୟା ଅଧିକ

**ରବୀନ୍ଦ୍ରନାଥ ବାରିକ**
**ପାଟକୁରା, ୨୬।୩ (ଡିଏନ୍ଏ)**

୨୦୧୯ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ କେନ୍ଦ୍ରାପଡା ଜିଲା ପାଟକୁରା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ଏହି ଆସନରେ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ, ଭାଜପାର ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏଠାରେ କଂଗ୍ରେସରୁ ବର୍ତ୍ତମାନ ସୁଦ୍ଧା ଜଣେ ଆଶାୟୀ ଥିବା ବେଳେ ଭାଜପାରୁ ୩ ଜଣ ଅଛନ୍ତି। ଅପରପକ୍ଷରେ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ବିଜେଡିରୁ ୬ ଆଶାୟୀ ଅଣ୍ଟା ଭିଡିଛନ୍ତି।

ଦୀର୍ଘ ୪୮ ବର୍ଷ ଧରି ପାଟକୁରା ବିଧାନସଭା କ୍ଷେତ୍ରକୁ ହାତେଇ ପାରୁ ନ ଥିବା କଂଗ୍ରେସ ଏଥର ନିର୍ବାଚନ ଜିତିବାକୁ ଜୋରଦାର ପ୍ରୟାସ ଜାରି ରଖିଛି। ସେହିପରି ଚାରି ଥର ପାଟକୁରାର ବିଧାୟକ ହୋଇଥିବା ହେଭିୱେଟ ନେତା ବିଜୟ ମହାପାତ୍ର ଭାଜପା ଛାଡିବା ପରେ ପାଟକୁରାରେ ଦଳର ସଂଗଠନ ଏକରକମ ଦୁର୍ବଳ ହୋଇପଡିଛି। ଆଗକୁ ବିଜୟଙ୍କ ରାଜନୈତିକ କାର୍ଯ୍ୟଧାରା କଣ ହେବ ଏ ନେଇ ସେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଏଥିପ୍ରତି ସମସ୍ତଙ୍କ ନଜର ରହିଛି। ତେବେ କେନ୍ଦ୍ରାପଡାର ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା, ଭାଜପା ନେତା ମାନସ ମହାନ୍ତି ଓ ଭାଜପାର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଉମାକାନ୍ତ ପଟ୍ଟନାୟକ ଏହି ଦଳରୁ ଟିକେଟ ପାଇବା ପାଇଁ ଆଶାୟୀ ଥିବା ବେଳେ ପାଟକୁରାରେ ଭାଜପା ସଂଗଠନକୁ ଦୃଢ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଯେ କୌଣସି ପ୍ରକାରେ ପାଟକୁରା ଆସନ ଦଖଲ କରିବାକୁ ଉଭୟ ନିଜ ନିଜ କାର୍ଯ୍ୟକ୍ରମ ଜାରି ରଖି ଭୋଟରଙ୍କ ନିକଟତର ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। କଂଗ୍ରେସରୁ ଆଶାୟୀ ଥିବା ଜୟନ୍ତ ମହାନ୍ତି କର୍ମୀମାନଙ୍କୁଏକାଠିକରିପୂର୍ବଅପେକ୍ଷା ଦଳକୁ ମଜଭୁତ କରିବା ପାଇଁ ପୁରା ଦମ୍‌ରେ ଲାଗି ପଡିଛନ୍ତି। ଅଧିକ ପରିଶ୍ରମ କଲେ ପାଟକୁରା ବିଧାନସଭା କ୍ଷେତ୍ର କଂଗ୍ରେସ ଦଖଲକୁ ଆସିବ ବୋଲି ସେ କର୍ମୀମାନଙ୍କୁ କହି ଉତ୍ସାହିତ କରିବାକୁ ପଛାଉ ନାହାନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଆୟୁଧ କରି ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏଥର ମଧ୍ୟ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ବାନ୍ଧି ଦଳୀୟ କର୍ମୀଙ୍କ ସହଯୋଗ ଲୋଡିଛନ୍ତି। ପାଟକୁରା ଅଣକଂଗ୍ରେସ ଗଡ ହୋଇଥିବାରୁ ଶାସକ ବିଜେଡି ତରଫରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଲଢିବାକୁ ମନ ବଳାଇଛନ୍ତି। ଏଣୁ ୨୦୧୯ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ଜୋରଦାର ହେବା ଆଶା କରାଯାଉଛି।

କେନ୍ଦ୍ରାପଡା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଏକ ଅଣକଂଗ୍ରେସ ନିର୍ବାଚନମଣ୍ଡଳୀ ଭାବରେ ୧୯୭୧ ନିର୍ବାଚନ ଠାରୁ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ୨୦୦୯ ଓ ୨୦୧୪ରେ ବେଦପ୍ରକାଶ ଅଗ୍ରୱାଲ ବିଜୁ ଜନତା ଦଳରୁ ନିର୍ବାଚନ ଲଢ଼ି ଜିତିଛନ୍ତି। ଏହା ଶାସକ ବିଜେଡି ପାଇଁ ଏକ ନିରାପଦ ଆସନ ବୋଲି ଧାରଣା ରହିଛି। ଏହି ଦୃଷ୍ଟିରୁ ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଲଢିବା ପାଇଁ ଆଶାୟୀ ଅଛନ୍ତି। ନଦୀନାଳ ଘେରା ପାଟକୁରା ଅଞ୍ଚଳରେ ବନ୍ୟା ବିପ୍ରାତ ଏକ ମୁଖ୍ୟ ସମସ୍ୟା। ତେବେ ସମସ୍ତ ନଦୀବନ୍ଧ ସୁଦୃଢୀକରଣ କାର୍ଯ୍ୟ ଏହା ମଧ୍ୟରେ ହୋଇପାରିଛି। ଗମନାଗମନର ସୁବିଧା ହୋଇଛି। କହିବାକୁ ଗଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ପାଥେୟ କରି ପ୍ରାର୍ଥୀମାନେ ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛନ୍ତି। ଏହି ଆସନ ପାଇଁ ବିଜେଡିରୁ ୬ ଜଣ ଆଶାୟୀ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବର୍ତ୍ତମାନର ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ, ରାଜ୍ୟ ଖଦିବୋର୍ଡର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ରବି ସାମଲ ଓ ଅନ୍ୟତମ ସମ୍ପାଦକ ପ୍ରମୋଦ ସାହୁ, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କନକଲତା କଣ୍ଠ, ପ୍ରାଧାପକ ଅଜୟ କୁମାର ରାଉତ ଅଛନ୍ତି।


ବେଦପ୍ରକାଶ ଅଗ୍ରୱାଲ


କନକଲତା କଣ୍ଠ


ତେଜେଶ୍ୱର ପରିଡ଼ା


ରବି ସାମଲ


ପ୍ରମୋଦ ସାହୁ


ଅଜୟ କୁମାର ରାଉତ

| ୨୦୧୪ ବିଧାନସଭା ନିର୍ବାଚନ ଫଳାଫଳ | |
|---|---|
| ମୋଟ ମତଦାତା | ୨,୨୭,୮୨୬ |
| ମତଦାନ | ୧,୫୯,୨୯୨ |
| ବିଜୟୀ ପ୍ରାର୍ଥୀ (ବିଜେଡି) ବେଦପ୍ରକାଶ ଅଗ୍ରୱାଲ | ୮୯,୮୫୩ ଭୋଟ୍ |
| ନିକଟତମ ପ୍ରାର୍ଥୀ (କଂଗ୍ରେସ) ଜୟନ୍ତ ମହାନ୍ତି | ୪୨,୧୩୮ ଭୋଟ୍ |
| ଭାଜପା ପ୍ରାର୍ଥୀ ମାନସ ମହାନ୍ତି | ୨୧,୫୫୮ ଭୋଟ |
| ଭୋଟ ବ୍ୟବଧାନ | ୪୭,୭୧୫ |

| ୨୦୧୯ ମତଦାତା | |
|---|---|
| ମୋଟ ଭୋଟର | ୨,୩୮,୯୬୪ |
| ପୁରୁଷ | ୧,୨୫,୪୩୫ |
| ମହିଳା | ୧,୧୩,୫୧୭ |
| ତୃତୀୟଲିଙ୍ଗ | ୧୨ |

**ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ**

ବେଦପ୍ରକାଶ ରାଜ୍ୟ ବିଜୁ ଶତବାର୍ଷିକୀ ଜୟନ୍ତୀ କମିଟିର ଆବାହକ ଥିବା ବେଳେ ରାଜ୍ୟ ବିଜେଡିର ଉପସଭାପତି ଅଛନ୍ତି। ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମରେ ସେ କେବେ ପଛରେ ନାହାନ୍ତି। ଏଥର ତାଙ୍କୁ ଦଳ ଟିକେଟ ମିଳିଲେ ସେ ନିର୍ବାଚନ ଲଢି ଲୋକଙ୍କ ସେବା କରିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ଖଦିବୋର୍ଡର ଚେୟାରମ୍ୟାନ ତେଜେଶ୍ୱର ପରିଡା ବିଜେଡିର ମୁଖପାତ୍ର ଅଛନ୍ତି। ପାଟକୁରା ଅଞ୍ଚଳର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ସମ୍ପୃକ୍ତ ରହିବା ଦେଖିବାକୁ ମିଳିଥାଏ। ଯଦି ଦଳୀୟ ମୁଖ୍ୟ ତାଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦିଅନ୍ତି, ସେ ଏଥିପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ଅନ୍ୟତମ ସାଧାରଣ ସମ୍ପାଦକ ରବି ସାମଲ ବିଜୁ ପରିବାର ସହ ଅନେକ ଦିନ ହେବ ରହି ଆସିଛନ୍ତି। ଜିଲାରେ ତାଙ୍କର ସାଙ୍ଗଠନିକ ଦକ୍ଷତା ଅଛି। ଦଳୀୟ ପର୍ଯ୍ୟବେକ୍ଷକ ଭାବରେ ସେ ବିଭିନ୍ନ ଅଞ୍ଚଳ ବୁଲି ସଂଗଠନ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରାପଡା କ୍ରେଡ଼ିଟ୍ କୋ-ଅପରେଟିଭ ବ୍ୟାଙ୍କର ସଭାପତି ତଥା ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ ସାହୁ ପାଟକୁରା ନିର୍ବାଚନମଣ୍ଡଳୀରେ ବେଶ ଜଣାଶୁଣା। ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ନିଜକୁ ସାମିଲ କରି ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛନ୍ତି। ପ୍ରାଧାପକ ଅଜୟ ରାଉତ ପାଟକୁରା ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକଙ୍କ ଅସୁବିଧା ସମୟରେ ପାଖରେ ପହଞ୍ଚି ସହାୟତା କରି ଲୋକଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଜିଲା ପରିଷଦ ସଦସ୍ୟା କନକଲତା କଣ୍ଠ ନିର୍ବାଚନ ଲଢିବା ପାଇଁ ମନ ବଳାଇଛନ୍ତି। ସେ ରାଜ୍ୟ ମହିଳା ବିଜୁ ଜନତା ଦଳ କାର୍ଯ୍ୟକାରିଣୀ ସଦସ୍ୟା ଅଛନ୍ତି। ମହିଳା ସଶକ୍ତୀକରଣ ଉପରେ ବିଜେଡି ମୁଖ୍ୟ ଗୁରୁତ୍ୱ ଦେଉଛନ୍ତି। ଏପରି ସ୍ଥଳେ ଅଧିକ ସଂଖ୍ୟକ ମହିଳାଙ୍କୁ ବିଜେଡି ଏଥର ଲଢିବା ପାଇଁ ସୁଯୋଗ ଦେବାର ଚର୍ଚ୍ଚା ହେଉଛି। ଯଦି ପାଟକୁରା ନିର୍ବାଚନମଣ୍ଡଳୀ ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଏ ଓ ତାଙ୍କୁ ଲଢିବା ପାଇଁ ସୁଯୋଗ ଦିଆଯାଏ। ଏହି ସୁଯୋଗକୁ ହାତଛଡ଼ା କରିବେ ନାହିଁ ବୋଲି କନକଲତା କହିଛନ୍ତି। ଏହି ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱରରେ ଡେରା ପକାଇ ଟିକେଟ ପାଇଁ ଲବି ଚଳାଇଥିବା ନିକଟତମ ସୂତ୍ରରୁ ଜାଣିବାକୁ ମିଳିଛି। ଏପରି ସ୍ଥଳେ କିଏ ଏଥର ପାଟକୁରାର ବିଧାୟକ ହେବ ତାହାକୁ ନେଇ ଏବେ ଠାରୁ ଅଙ୍କକଷା ଆରମ୍ଭ ହୋଇଯାଇଛି।

## ବାଲିଆ ମେଳଣରେ କୃଷ୍ଣଚେତନା ପରିଷଦ ପକ୍ଷରୁ ଜଳଛତ୍ର

**ଡେରାବିଶ, ୨୬।୩ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ବହୁ ପୁରାତନ ବାଲିଆ ମେଳଣ ସୋମବାରଠାରୁ ଆରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣ ପଡ଼ିଆରେ ଶହ ଶହ ଅସ୍ଥାୟୀ ଦୋକାନ ବଜାର ଖୋଲିଥିବା ବେଳେ ବହୁ ଲୋକ ମେଳଣ ବୁଲିବାକୁ ଆସୁଥିବା ଦେଖାଯାଉଛି। ପ୍ରଥମ ଦିନରେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ କୃଷ୍ଣ ଚେତନା ପରିଷଦ ପକ୍ଷରୁ ମେଳଣ ପଡିଆରେ ଜଳଛତ୍ର ଓ ବିଶ୍ରାମାଗାର ଖୋଲା ଯାଇଥିଲା। ଜିଲାର ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ସହଯୋଗ କରିଥିଲେ। କୃଷ୍ଣ ଚେତନା ପରିଷଦ ସଭାପତି ଇଂ. କାର୍ତ୍ତିକ ଚନ୍ଦ୍ର ମିଶ୍ର, ବ୍ୟାଙ୍କ ଶାଖା ପରିଚାଳକ ଅରବିନ୍ଦ କୁମାର, କ୍ଷୀରୋଦ କୁମାର ସାହୁ, ବିଜୟ କେତନ ମହାନ୍ତି, ସ୍ୱେଚ୍ଛାସେବୀ ହୃଦାନନ୍ଦ ଲେଙ୍କା ପ୍ରମୁଖ ଲୋକମାନଙ୍କୁ ସରବତ ଓ ଥଣ୍ଡା ପାନୀୟ ଯୋଗାଇ ଦେଇଥିଲେ। ପ୍ରଚଣ୍ଡ ଖରା ଯୋଗୁ ଲୋକମାନଙ୍କ ପାଇଁ ବିଶ୍ରାମାଗାରର ବ୍ୟବସ୍ଥା କରାଯାଇଥିଲା। ଚେତନା ପରିଷଦ ତରଫରୁ ନଟବର ଭଦ୍ର ଶରତ ଚନ୍ଦ୍ର ସ୍ୱାଇଁ, ନଟବର ସାମଲ, ଗୌରାଙ୍ଗ ସାମଲ, ଅନ୍ନଦା ପ୍ରସାଦ ପରିଡ଼ା, ନୀଳକଣ୍ଠ ବେହେରା, ନାରାୟଣ ପତି, ଅନନ୍ତ ନାୟକ, ପ୍ରଦୀପ ବରାଳ, ଦୁର୍ଲଭ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ସୁନାମଣି ସାହୁ, ବିଶ୍ୱନାଥ ମହାନ୍ତି, ଅରକ୍ଷିତ ଜେନା, ଉମେଶ ଭଦ୍ର, ଶ୍ରୀଧର ପରିଡ଼ା ପ୍ରମୁଖ ଜଳଛତ୍ର ପରିଚାଳନା କରିଥିଲେ। ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମେଳଣ ବୁଲି ଦେଖିଥିଲେ।




# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**କେନ୍ଦ୍ରାପଡା ଅଫିସ, ୨୬।୩**

କେନ୍ଦ୍ରାପଡା ସ୍ୱତନ୍ତ୍ର କୋର୍ଟରେ ମଙ୍ଗଳବାର ନାବାଳିକା ବଳାତ୍କାର ମାମଲା ଶୁଣାଣି କରାଯାଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ଏଡିଜେ ପ୍ରଜ୍ଞା ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରି ଦଣ୍ଡାଦେଶ ଦେଇଥିବା ବେଳେ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ ରହିଛି। ବଳାତ୍କାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ କେନ୍ଦ୍ରାପଡା ଉପକାରାଗାରକୁ ପଠାଇ ଦିଆଯାଇଛି । ସେ ହେଲେ ତାଳଚୁଆ ଥାନା ଅନ୍ତର୍ଗତ ଅମରାବତୀ ଗାମର ଜୟଦେବ ଗିରି। ୨୦୧୬ ଏପ୍ରିଲ ୨୦ ଅପରାହ୍ଣରେ ତାଳଚୁଆ ଥାନା ଅଞ୍ଚଳର ଏହି ନାବାଳିକା ଜଣକ ପାଖ ଗ୍ରାମରେ ଥିବା ଭଉଣୀ ଘରକୁ ଯିବା ପାଇଁ ନିଜ ଗାଁ ଛକରେ ଠିଆହୋଇଥିଲେ। ଏହି ସମୟରେ ଜୟଦେବ ବାଇକ୍‌ରେ ଆସି ଭଉଣୀ ଘର ଗ୍ରାମକୁ ଯାଉଥିବା କହି ନାବାଳିକାଙ୍କୁ ସାଙ୍ଗରେ ନେଇଥିଲେ। ବାଟରେ କାମ ଥିବା ଦର୍ଶାଇ ତାଙ୍କୁ ଉକ୍ତ ଗ୍ରାମରେ ସନ୍ଧ୍ୟା ପର୍ଯ୍ୟନ୍ତ ଅଟକାଇ ଏକ କ୍ଷେତରେ ୩ ଥର ବଳତ୍କାର କରି ପରଦିନ ଛାଡିଥିଲେ। ନାବାଳିକା ଜଣକ ଏନେଇ ଭଉଣୀଙ୍କୁ ଜଣାଇବା ପରେ ତାଳଚୁଆ ଥାନାରେ ମାମଲା (ନଂ-୫୭/୧୬)ରୁଜୁ ହୋଇଥିଲା ବୋଲି ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପ୍ରକାଶ କରିଛନ୍ତି। ମାମଲାକୁ ସରକାରୀ ଓକିଲ ମନୋଜ କୁମାର ସାହୁ ପରିଚାଳନା କରିଥିଲେ।

# ରଙ୍ଗ ଖେଳରୁ ଉତ୍ତେଜନା, ୮ ଗିରଫ

**କେନ୍ଦ୍ରାପଡା ଅଫିସ, ୨୬।୩**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବାବୁରାମ ପାଟଣା ଗ୍ରାମରେ ସୋମବାର ପଞ୍ଚୁ ଦୋଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଙ୍ଗ ଖେଳକୁ ନେଇ ଗ୍ରାମର ଦୁଇ ପରିବାର ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏପରିକି ବଚସା ପରେ ହାତାହାତି ମଧ୍ୟ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଗ୍ରାମର ସନାତନ ମଲ୍ଲିକ, ସଦାନନ୍ଦ ମଲ୍ଲିକ, ଚନ୍ଦନ ମଲ୍ଲିକ, କାଳିନ୍ଦୀ ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ ଓ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ବ୍ଲକ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ

**ବରୀ,୨୬।୩(ସ୍ୱ.ପ୍ର.):** ସାଧାରଣ ନିର୍ବାଚନ ପାଇଁ ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ତାଲିମ ଦିଆଯାଇଛି। ୨୭ ତାରିଖ ପର୍ଯ୍ୟନ୍ତ ତାଲିମ ଦିଆଯିବ ବୋଲି କୁହାଯାଇଛି। ପ୍ରତିଦିନ ସକାଳ ୯ରୁ ୪ଟା ପର୍ଯ୍ୟନ୍ତ ୧୦୦ ଜଣଙ୍କୁ ଏ ସଂକ୍ରାନ୍ତରେ ତାଲିମ ଦିଆଯାଉଛି। ଏଥିନିମନ୍ତେ ୨ଟି ଗ୍ରୁପ୍ କରାଯାଇଛି। ବିଡିଓ ପ୍ରଭାସ ବେଉରିଆ ଓ ଅତିରିକ୍ତ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ତାଲିମ ଦେଉଛନ୍ତି। ଅଧିକାଂଶ ଶିକ୍ଷକ, ଅଧାପକ ଓ ବ୍ୟାଙ୍କ କର୍ମଚାରୀ ଏଥିରେ ସାମିଲ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ଧର୍ମଶାଳା,୨୬।୩(ଡି.ଏନ୍.ଏ.):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର ଡାକ୍ତର ଖାନା ପରିସରରେ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମାନସରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଘରେ ଘରେ ସ୍ୱାସ୍ଥ୍ୟ ସଚେତନତା ପହଞ୍ଚାଇବା ଆଶା ଦିଦିଙ୍କର ଗୁରୁଦାୟିତ୍ୱ ରହିଛି। ରୋଗର ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ଯୋଗାଯୋଗ କରାଗଲେ ରୋଗ ନିରାକରଣ ସହଜ ହୋଇଥାଏ ବୋଲି ରମେଶଚନ୍ଦ୍ର କହିଥିଲେ। ଡ. ଅଜିତ କୁମାର ନାୟକ, ସୌମ୍ୟ ସନ୍ତୋଷ ପରିଡା, ବିପିଏମ୍ ବିଜୟ କୁମାର ବେହେରା, ଭାରପ୍ରାପ୍ତ ସିଡିପିଓ ସବିତା ସେଠୀ ପ୍ରମୁଖ ଆଶା ଦିଦିଙ୍କ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଢେଇଧରା ଗ୍ରାମକୁ ସୁସ୍ଥ ଗ୍ରାମଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଆଶାକର୍ମୀ ରେଣୁବାଳା ପ୍ରଧାନ, ସାଜାଦା ବେଗମ, ସୁମିତ୍ରା ପୃଷ୍ଟିଙ୍କୁ ସେମାନଙ୍କ କାର୍ଯ୍ୟବଳୀ ପାଇଁ ପୁରସ୍କୃତ କରାଯାଇଥିଲା। ସ୍ମୃତିପ୍ରଜ୍ଞା ମହାପାତ୍ର ଓଡ଼ଶୀ ନୃତ୍ୟ ପରିବେଷଣ କରଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଅସନ୍ତୋଷ
# କାର୍ଯ୍ୟାଳୟ ଘେରିବେ ସ୍ଥାନୀୟ ଲୋକେ

**ରତ୍ନଗିରି,୨୬।୩(ଡି.ଏନ.ଏ.)**

ଗ୍ରୀଷ୍ମ ଋତୁ ଆରମ୍ଭରୁ ବରୀ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଆଗାମୀ ଦିନରେ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମଙ୍ଗଳବାର ଅବସରପ୍ରାପ୍ତ ସେନା କର୍ମଚାରୀ ବିଚିତ୍ରା ନନ୍ଦ ସାମଲ, ବ୍ରହ୍ମାନନ୍ଦ ପାତ୍ର, ବିଭୁନନ୍ଦ ସାମଲ, ନବ ନିର୍ମାଣ ସଙ୍ଗଠନର ପ୍ରଶାନ୍ତ ପଢ଼ିଆରି, ସୁଧାଂଶୁ ସାମଲ ପ୍ରମୁଖ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ଉପଖଣ୍ଡ ଅଧୀନରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଳାମାଟିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ବରୀ ବ୍ଲକ କାର୍ଯ୍ୟାଳୟ, ବରୀ ରାମଚନ୍ଦ୍ରପୁର ଥାନା ଓ ବରୀ ତହସିଲ କାର୍ଯ୍ୟାଳୟ ରହିଥିବାରୁ ବିଦ୍ୟୁତ୍‌କାଟ ଯୋଗୁ ଲୋକେ ସରକାରୀ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ଏତଦ୍‌ବ୍ୟତୀତ ସରକାରୀ ନିୟମ ମୁତାବକ ଉପଭୋକ୍ତା ବିଦ୍ୟୁତ ବ୍ୟବହାର ପାଇଁ ମିଟର ପାଇବାକୁ କାଗଜପତ୍ର ଓ ଅର୍ଥ କାର୍ଯ୍ୟାଳୟରେ ପୈଠ କରିଥିଲେ ମଧ୍ୟ ସେମାନଙ୍କୁ ମିଟର ଯୋଗାଇ ଦିଆଯାଇନାହିଁ। ଫଳରେ ଉପଭୋକ୍ତା ସର୍ବନିମ୍ନ ଦେୟ ପୈଠ କରିବାକୁ ବାଧ ହେଉଛନ୍ତି। ଏ ସଂକ୍ରାନ୍ତରେ ବରୀ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଦେବବ୍ରତ ପଣ୍ଡାଙ୍କୁ ପଚାରିବାରୁ, ବରୀ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କ୍ଷେତ୍ରରେ ବିଗତ ଦିନରେ ବ୍ୟବହାର ହୋଇଥିବା ବିଦ୍ୟୁତ୍ ଖୁଣ୍ଟି ଓ ତାର ବର୍ତ୍ତମାନ ଅନୁପଯୋଗୀ ହୋଇଯାଇଛି। ପରିବର୍ତ୍ତନ ପାଇ କିଛିଦିନ ସମୟ ଲାଗିବ ବୋଲି ସେ କହିଥିଲେ।

## ବିଜେଡି ବରିଷ୍ଠ ସଭ୍ୟଙ୍କ ପରାମର୍ଶ ବୈଠକ

**ଧର୍ମଶାଳା,୨୬।୩(ଡି.ଏନ୍.ଏ.)**

ଧର୍ମଶାଳା ବିଜୁ ଜନତା ଦଳର ବରିଷ୍ଠ ସଭ୍ୟଙ୍କ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପରାମର୍ଶ ବୈଠକ ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ଟି ପଞ୍ଚାୟତର ବରିଷ୍ଠ ସଭ୍ୟମାନେ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ କରାଯିବା ଦିଗରେ ବୈଠକରେ ପରାମର୍ଶ ଦେଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତି, ପ୍ରଭାତ ବଳବନ୍ତ ରାୟ, ନିରଞ୍ଜନ ବଳ, ଦୁଃଶାସନ ସାହୁ, ଉତ୍କଳ ଦାସ, ମୋଇଉଦ୍ଦିନ୍ ମହମ୍ମଦ, ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସନ୍ତୋଷ ଜେନା, ବିପିନ ନାୟକ, ଗଣନାଥ ନାୟକ, ପୀତାମ୍ବର ନାୟକ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## କଣ୍ଟାଝରୀଗଡ଼ ମେଲଣ ଉଦ୍‌ଯାପିତ
# ଶଙ୍ଖ, ହୁଳହୁଳିରେ କମ୍ପିଲା ଗାଁ

**କୋରେଇ,୨୬।୩(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ ପଞ୍ଚାୟତର କଣ୍ଟାଝରୀଗଡ ମୁରଲୀ ମନୋହର ପରିଚାଳନା କମିଟି ଓ ଗ୍ରାମବସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ମେଲଣ ଉତ୍ସବ ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଲଣରେ ଗ୍ରାମର ମୁରଲୀ ମନୋହର, ମନୋହର ମୁରଲୀ, ଉପୁଳାଇ ଗ୍ରାମର ରାଧାକୃଷ୍ଣଜୀଉ ଓ ପିମ୍ପଲ ଗ୍ରାମର ରାଧାକୃଷ୍ଣଜୀଉ ଆଦି ୪ ବିମାନ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ବରାହନାଥ ମେଲଣ ପଡିଆରେ ସମବେତ ହୋଇଥିଲେ। ଭଜନ, କୀର୍ତ୍ତନ, ବାଜାବାଣ, ପଟୁଆର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିମାନଗୁଡ଼ିକ ଗାଁ ମଧ୍ୟରେ ଯିବାବେଳେ ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଗାଁ ପ୍ରକମ୍ପିତ ହେବା ସହ ଅଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ମେଲଣ ପଡିଆରେ ଠାକୁରଙ୍କୁ ଭୋଗଲାଗି ପରେ ବିଦାୟ ଦିଆଯାଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ପାଢୀ, ଉପସଭାପତି ଗୋପାଳ ଚରଣ ସାହୁ, ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ସହସମ୍ପାଦକ ରାଜେନ୍ଦ୍ର ନାୟକ, ସୁରଜ ରାଉତ, ଅଜୟ ଦାସ, କ୍ଷୀରୋଦ ପଣ୍ଡା, ହେମନ୍ତ ଜେନା, ଚତୁର୍ଭୁଜ ନାୟକ, ଏକାଦଶୀ ନାୟକ, ହୃଦାନନ୍ଦ ନାୟକ, ପ୍ରମୋଦ ରାଉତଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# କାରଖାନାରୁ ହାର୍ଡକୋକ୍ ଚୋରି ଘଟଣାରେ ୧୫ ଗିରଫ

**କଳିଙ୍ଗନଗର, ୨୬।୩(ଡି.ଏନ୍.ଏ.)**

ଟାଟା କାରଖାନାରୁ ହାର୍ଡକୋକ୍ ଚୋରି ଘଟଣାରେ ମଙ୍ଗଳବାର କଳିଙ୍ଗନଗର ପୋଲିସ ୧୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗିରିଧାରୀ ମଳିକ(୪୮), ସୁରେନ୍ଦ୍ର ପରିଡା (୩୬),ପବନା ସାହୁ(୩୨), ନାରାୟଣ ସାହୁ (୨୬), ସରତ ସାହୁ (୪୮), ଅମୁଲ୍ୟ ସାହୁ (୨୦), ଦିନବନ୍ଧୁ ସାହୁ (୪୩), ଲକ୍ଷ୍ମୀଧର ସାହୁ, ବାଉରୀ ବନ୍ଧୁ ପରିଡା (୩୮), ଅକ୍ଷୟ ତରାଇ (୩୪), ଗୁରି ମଳିକ(୫୦), ମଙ୍ଗୁଳି ମଳିକ, ଦୁର୍ଯ୍ୟୋଧନ ବାରିକ, ରମେଶ ଜେନା, ଅଶୋକ ସାହୁ। ସୋମବାର ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ମାମଲା (୪୯/୨୦୧୯) ରେ କୋର୍ଟ ଚାଲାଣ କରିଥିଲା। ଏଥିସହ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହାର୍ଡକୋକ ସହ ପିକଅପ୍ ଭ୍ୟାନ୍ ଓ ୨୧ ବାଇକ୍ ଜବତ କରିଥିଲା। ପ୍ରକାଶ ଯେ, ୨୪ ତାରିଖ ରାତିରେ ଟାଟା କାରଖାନା ବାଲିଗୋଠ ସାଇଡ୍ ପାଚେରୀ ନିକଟରୁ ପିକ୍‌ଅପ୍ ଭ୍ୟାନ୍ ଯାଗେ ହାର୍ଡକୋକ ଚୋରା ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଚଢାଉ କରିଥିଲେ।

# କଂଗ୍ରେସର କର୍ମୀ ସମ୍ମିଳନୀ

**ବିଞ୍ଝାରପୁର,୨୬।୩(ଡି.ଏନ.ଏ.)**

ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ୍ କରି ନିର୍ବାଚନରେ ବିଜେଡି ଓ ଭାଜପାକୁ କଡା ମୁକାବିଲା କରିବାକୁ ପ୍ରସ୍ତୁତି ଚଲାଇଛି। କଂଗ୍ରେସ ନେତା ମନୋରଞ୍ଜନ ଦାସ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରୁ ବିଧାନସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀ ରହିଥିବାରୁ ସେ ଘନଘନ କର୍ମୀ ସମ୍ମିଳନୀ, ମିଶ୍ରଣପର୍ବ ଆୟୋଜନ କରିବା ସହ ଘରଘର ବୁଲି ଲୋକଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବାରେ ଲାଗି ପଡିଛନ୍ତି। ଏହି କ୍ରମରେ ମଙ୍ଗଳବାର ଅଳକୁଣ୍ଡଠାରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ରଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ମନୋରଞ୍ଜନ ଦାସ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପରିଡା, ଶିଶିର ନାୟକ, ଭୁବନାନନ୍ଦ ସାମଲ, କୁବୁଲ ବେଗ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ ଓ ଶ୍ରମିକ ମାରଣ ନୀତି ଉପରେ ବର୍ଷିଥିଲେ। କେନ୍ଦ୍ରରେ ମୋଦି ସରକାର ଓ ଓଡ଼ିଶାରେ ନବୀନ ସରକାର ରହିଥିବା ପର୍ଯ୍ୟନ୍ତ ଓଡ଼ିଶାର ବିକାଶ ସମ୍ଭବ ନୁହେଁ ବୋଲି ସମ୍ମିଳନୀରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମନୋରଞ୍ଜନ କଂଗ୍ରେସର ଗ୍ୟାରେଣ୍ଟି କାର୍ଡର ଶୁଭାରମ୍ଭ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ପ୍ରୀତିପୁର, ଅଳକୁଣ୍ଡ, ଝିଙ୍କିରୀ, ବାସୁଦେବପୁର, ଫତେପୁର, କପିଳା ଆଦି ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ବିଜେଡିର ମିଶ୍ରଣ ପର୍ବ

**କଳିଙ୍ଗନଗର,୨୬।୩(ଡି.ଏନ୍.ଏ.):** ଦାନଗଦୀ ବ୍ଲକ ଦାନିଆବର ଗ୍ରାମର ବହୁ ଭାଜପା କର୍ମୀ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଓ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଛନ୍ତି। ନୂତନକର୍ମୀମାନେ ହେଲେ ସୁଶାନ୍ତ କୁମାର ବାରିକ, ଗିରିଧାରୀ ବେହେରା, କଳ୍ପତରୁ ବଟ, ମଦନମୋହନ ବେହେରା, ବିଜୟ ବାରିକ, ମକର ଦାସ, ବିଦ୍ୟାଧର ବାରିକ ଓ ବସନ୍ତ ସାହୁ। ଏହିପରି ରାଣିପଡା ପଞ୍ଚାୟତର କଂଗ୍ରେସ କର୍ମୀ ଦୀପକ କୁମାର ମିଶ୍ର, ଜିତେନ୍ଦ୍ର ନନ୍ଦ, ଶ୍ରୀଧର ମିଶ୍ର, ଯୋଗେନ୍ଦ୍ର ଦାସ, ସୌଭାଗ୍ୟ ରଞ୍ଜନ ପତି, ଗଜେନ୍ଦ୍ର ନାୟକ, ମନୋରଞ୍ଜନ ଦ୍ୱିବେଦୀ, ଚନ୍ଦନ ଦାସ, ଧୀରେନ୍ଦ୍ର ନାୟକ, ସୁଶାନ୍ତ କୁମାର ପ୍ରମୁଖ ଦଳରେ ଯୋଗ ଦେଇଛନ୍ତି।

## ଛାଡ଼ ହେଲାନି କୃଷି ଋଣ
# ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖିଲେ ଚାଷୀ

**କୋରେଇ,୨୬।୩(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ବଡେଇ ଜଳନ୍ଦା ଗ୍ରାମର ଚାଷୀ ବିରଞ୍ଚି ନାରାୟଣ ପତ୍ରୀଙ୍କ କୃଷି ଋଣ ଛାଡ଼ ନ ହେବାରୁ ମଙ୍ଗଳବାର ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖିଛନ୍ତି। ଦୀର୍ଘ ୧୦ ବର୍ଷ ହେବ ବିରଞ୍ଚି ଷଠିପୁରସ୍ଥିତ ଏକ ବ୍ୟାଙ୍କରୁ ନିୟମିତ ଭାବେ କୃଷି ଋଣ କରି ନେଣଦେଣ ଚଳାଇଛନ୍ତି। ପ୍ରତିବର୍ଷ ଋଣ ନେବାବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ବୀମା ରାଶି ପଇଠ କରନ୍ତି। ୨୦୧୭–୧୮ଆର୍ଥିକ ବର୍ଷରେ ସରକାର ମରୁଡି ଘୋଷଣା କରିଥିଲେ। ତଦନୁଯାୟୀ ବ୍ୟାଙ୍କ ଓ ମସବାୟ ସମିତିରୁ ଋଣ ନେଇଥିବା ଚାଷୀ ଛାଡ ପାଇଥିବାବେଳେ ବିରଞ୍ଚି ଏଥିରୁ ବଞ୍ଚିତ ହୋଇଥିଲେ। ଋଣ ଛାଡ଼ ପାଇଁ ସେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ିଥିଲେ ମଧ୍ୟ ଅନ୍ୟମାନଙ୍କର ଟଙ୍କା ଆସିଛି, ହେଲେ ତାଙ୍କର ଆସିନାହିଁ କହି ଫେରାଇ ଦେଇଥିଲେ। ହେଲେ କାହିଁକି ଆସିନାହିଁ ପଚାରିବାରୁ, ବ୍ୟାଙ୍କ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଫଳରେ ବ୍ୟାଙ୍କର ଏଭଳି ପାତରଅନ୍ତର ନୀତିକୁ ତଦନ୍ତ କରି ନ୍ୟାୟ ଦେବାକୁ ବିରଞ୍ଚି ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖି ଅନୁରୋଧ କରିଛନ୍ତି।


## ପୂର୍ବ ତଟ ରେଳପଥ
### ୱାଗନ ଡାଟାଗୁଡ଼ିକର ଭୌତିକ ସଂଗ୍ରହ ଏବଂ କମ୍ପ୍ୟୁଟିଙ୍ଗ୍ କାର୍ଯ୍ୟ

(1)ଟେଣ୍ଡର ସଂ.eTender-Optg-TLHR-06-2018
**କାର୍ଯ୍ୟର ନାମ:** ଏକ ବର୍ଷ (365 ଦିନ) ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ଠାରେ ପ୍ରତିଦିନ ପହଁଞ୍ଚୁଥିବା ଖାଲି ରେକ୍‌ଗୁଡ଼ିକରୁ ପର୍ଯ୍ୟାୟକ୍ରମିକ (In a Sequence) ୱାଗନ ଡାଟାଗୁଡ଼ିକର ଭୌତିକ (Physical) ସଂଗ୍ରହ ଏବଂ ତାଳଚେର ସ୍ଥିତ TNC କାର୍ଯ୍ୟାଳୟ ଠାରେ ଉପଲବ୍ଧ ସିଷ୍ଟମ୍ (FOIS)ରେ ସଂଗ୍ରହ ପରେ ସେଗୁଡ଼ିକୁ ତତ୍କାଳ କମ୍ପ୍ୟୁଟିଙ୍ଗ୍ କାର୍ଯ୍ୟ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 23,50,089/-, EMD (ଟଙ୍କାରେ): 47,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 12 ମାସ ।

### ଭଡ଼ା ସୂତ୍ରରେ ଗାଡ଼ି

(2)ଟେଣ୍ଡର ସଂ.eTender-OptgKUR-05-2018
**କାର୍ଯ୍ୟର ନାମ:** 03(ତିନି) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ARM/ତାଳଚେରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚବିଶି ଘଣ୍ଟା ଚାଳକ ସହିତ 01 ଗୋଟି ଡିଜେଲ ଚାଳିତ ଚାରି ଚକିଆ ହାଲୁକା ବହୁ-ଉପଯୋଗିତା ଗାଡ଼ି (ବୋଲେରୋ କାମ୍ପର/ଟାଟା-207 DI କିମ୍ବା ଅନୁରୂପ (ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 14,08,848.94, EMD (ଟଙ୍କାରେ): 28,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.02.04.2019 ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.16.04.2019 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ(ପରିଚାଳନା), ଖୋର୍ଦ୍ଧା ରୋଡ୍
PR-565/J/18-19



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/ 2018-19, ତାରିଖ. 19.03.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-18
**କାର୍ଯ୍ୟର ନାମ:** 24 ମାସ ନିମନ୍ତେ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ ଇତ୍ୟାଦିର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା(ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 26,21,408.60, EMD(ଟଙ୍କାରେ): 52,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENC-SBP-18
**କାର୍ଯ୍ୟର ନାମ:** ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ 15 KLD କ୍ଷମତା ବିଶିଷ୍ଟ FRP ଭିତ୍ତିକ ସିଙ୍ଗିଲ୍ ପ୍ୟାକେଜ୍ ସିୱେଜ (Sewage) ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (Treatment Plant)ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,23,306.51, EMD (ଟଙ୍କାରେ): 38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ): 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.10.04.2019ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-564/J/18-19



## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ)

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେଶୀ) ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି ।

| ମହାନଦୀ ବିହାର ଶାଖା, ଫୋନ୍: ୦୬୭୧-୨୪୪୩୩୬୦ / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି |
| --- | --- | --- |
| **ଋଣଗ୍ରହୀତା: ମେସର୍ସ ରଘୁନାଥ ଆଲୁମିନିୟମ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.,** ଇଡ୍‌କୋ ସେଡ୍ ନଂ.: ଏସ୍-୨/୬୨, ଫେଜ୍ ୨, ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ (ନିଉ), ପୋ.: ଜଗତପୁର, ଜିଲ୍ଲା: କଟକ-୭୫୪୦୨୧, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପୁରୁଷୋତ୍ତମ ସାହୁ,** ପିତା: ଶ୍ରୀ ଭ୍ରମରବର ସାହୁ, **ନିର୍ଦ୍ଦେଶକ: ଶ୍ରୀ ରମେଶ ଚନ୍ଦ୍ର ସାହୁ,** ପିତା: ଶ୍ରୀ ବାବାଜୀ ଚରଣ ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୨, ଫେଜ୍ ୨, ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ (ନିଉ), ପୋ.: ଜଗତପୁର, ଜିଲ୍ଲା: କଟକ-୭୫୪୦୨୧ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ପୁରୁଷୋତ୍ତମ ସାହୁ,** ପିତା: ଶ୍ରୀ ଭ୍ରମରବର ସାହୁ, **୨) ଶ୍ରୀ ରମେଶ ଚନ୍ଦ୍ର ସାହୁ,** ପିତା: ଶ୍ରୀ ବାବାଜୀ ଚରଣ ସାହୁ, ଉଭୟଙ୍କ **ଠିକଣା-୧:** ପ୍ଲଟ୍ ନଂ.: | **ଶ୍ରୀମତୀ ସ୍ମରଣିକା ସାହୁ, ଶ୍ରୀମତୀ ବିଶ୍ୱଜିତା ସାହୁ ଏବଂ ଶ୍ରୀମତୀ ସୁଚିସ୍ମିତା ସାହୁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୩/୪୦୨, ପ୍ଲଟ୍ ନଂ.: ୬୬୮/୧୧୯୦, କ୍ଷେତ୍ର: ଏକର୦.୦୮ଡିସିମିଲି, କିସମ: ଘରବାରୀ, ମୌଜା: ଇମାମ ନଗର, ଥାନା: ସାଲେପୁର, ଥାନା ନଂ.: ୨, ଏସ୍‌ଆରଓ/ତହସିଲ: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୯୬୪, ପୂର୍ବ: ପ୍ରତ୍ୟୁଷ ମହାନ୍ତି, ପଶ୍ଚିମ: ରାସ୍ତା | ଟ. ୩୫.୦୦ଲକ୍ଷ ଏବଂ ଟ. ୩.୫୦ଲକ୍ଷ |

୩୫୬୪, ଜ୍ୟୋତ୍ସ୍ନା ଭବନ, ନିଉ ରାଉସାପାଟଣା, ଗୋପବନ୍ଧୁ ବିହାର, ବକ୍ସି ବଜାର, କଟକ-୭୫୩୦୦୧, **ଠିକଣା-୨:** ସା/ପୋ.: ଧିରପାଟଣା, ଜିଲ୍ଲା: ଢେଙ୍କାନାଳ, **୩) ଶ୍ରୀ ମାନସ କୁମାର ସାହୁ,** ପିତା: ଶ୍ରୀ ଜଗତଜୀବନ ସାହୁ, ଗ୍ରାମ: ପାଞ୍ଚଗାଁ, ତିଗିରିଆ, ଜିଲ୍ଲା: କଟକ, **୪) ଶ୍ରୀ ହରିହର ମିଶ୍ର,** ପିତା: ଶ୍ରୀ ଉଦୟ ନାଥ ମିଶ୍ର, **ଠିକଣା-୧:** ନିଉ ରାଉସାପାଟଣା, ଗୋପବନ୍ଧୁ ବିହାର, ବକ୍ସି ବଜାର, କଟକ-୭୫୩୦୦୧, **ଠିକଣା-୨:** ସା: ପାହାଡପୁର, ପୋ.: ମଦନପୁର, ଜିଲ୍ଲା: କେନ୍ଦୁଝର-୭୫୮୦୮୩, **୫) ଶ୍ରୀମତୀ ସ୍ମରଣିକା ସାହୁ,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର ସାହୁ, **ଠିକଣା-୧:** ପ୍ଲଟ୍ ନଂ.: ୩୫୬୪, ଜ୍ୟୋତ୍ସ୍ନା ଭବନ, ନିଉ ରାଉସାପାଟଣା, ଗୋପବନ୍ଧୁ ବିହାର, ବକ୍ସି ବଜାର, କଟକ-୭୫୩୦୦୧, **ଠିକଣା-୨:** ସା/ପୋ.: କାନପୁର, ଜିଲ୍ଲା: କଟକ-୭୫୪୦୩୧, **୬) ଶ୍ରୀମତୀ ବିଶ୍ୱଜିତା ସାହୁ,** ସ୍ୱାମୀ: ଶ୍ରୀ ରଶ୍ମି ରଞ୍ଜନ ସାହୁ, **ଠିକଣା-୧:** ପ୍ଲଟ୍ ନଂ.: ୩୫୬୪, ଜ୍ୟୋତ୍ସ୍ନା ଭବନ, ନିଉ ରାଉସାପାଟଣା, ଗୋପବନ୍ଧୁ ବିହାର, ବକ୍ସି ବଜାର, କଟକ-୭୫୩୦୦୧, **ଠିକଣା-୨:** ସା/ପୋ.: ଦାଶରଥିପୁର, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ-୭୫୪୦୩୧, **୭) ଶ୍ରୀମତୀ ସୁଚିସ୍ମିତା ସାହୁ,** ସ୍ୱାମୀ: ଶ୍ରୀ ପୁରୁଷୋତ୍ତମ ସାହୁ, **ଠିକଣା-୧:** ପ୍ଲଟ୍ ନଂ.: ୩୫୬୪, ଜ୍ୟୋତ୍ସ୍ନା ଭବନ, ନିଉ ରାଉସାପାଟଣା, ଗୋପବନ୍ଧୁ ବିହାର, ବକ୍ସି ବଜାର, କଟକ-୭୫୩୦୦୧, **ଠିକଣା-୨:** ସା/ପୋ.: ଧିରପାଟଣା, ଜିଲ୍ଲା: ଢେଙ୍କାନାଳ / **ମୋଟ ବକେୟା ରାଶି: ତା.୦୬.୧୦.୨୦୧୬ରିଖ ସୁଦ୍ଧା ଟ.୮,୬୬,୨୯,୯୩୬/- + ତା.୦୭.୧୦.୨୦୧୬ରିଖ** ଠାରୁ ସୁଧ ଓ ସେବାବଦ ଖର୍ଚ୍ଚ ବିଯୁକ୍ତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି

**ଇ-ନିଲାମ ତାରିଖ ଓ ସମୟ: ୨୯.୦୪.୨୦୧୯** ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୫ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

**ସମ୍ପତ୍ତି ତନଖି ତାରିଖ ଓ ସମୟ: ୦୯.୦୪.୨୦୧୯ ରୁ ୧୨.୦୪.୨୦୧୯** ଅପରାହ୍ନ ୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା, ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ

### ନିୟମ ଏବଂ ସର୍ତ୍ତାବଳୀ

(୧) ନିଲାମ ବିକ୍ରୟ "ଅନ୍‌ଲାଇନ୍ ଇ-ନିଲାମ" ଦ୍ୱାରା ୱେବସାଇଟ http://eprocure.govt.in କିମ୍ବା http://ho.tender@bankofindia.co.in କିମ୍ବା https://boi.auctiontiger.net ମାଧ୍ୟମରେ ତା.୨୯.୦୪.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା ମଧ୍ୟରେ ସମ୍ପନ୍ନ ହେବ ।
(୨) ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ୱେବସାଇଟ୍ ମାଧ୍ୟମରେ ନିଲାମର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ଦେଖନ୍ତୁ ।
(୩) ଇଚ୍ଛୁକ ନିଲାମଧାରୀମାନେ **ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିଃ., ଅହମ୍ମଦାବାଦ ଠାରୁ ଇ-ନିଲାମ ତାଲିମ ପାଇପାରିବେ, ଯୋଗାଯୋଗ ନଂ.: ୦୭୯-୪୦୨୩୦୮୧୧/୮୧୨, ମୋବାଇଲ ନଂ.: ୦୮୦୦୦୦୨୩୨୯୭, ୦୯୩୭୪୫୩୦୦୭୩ ଏବଂ ୦୯୯୭୮୫୯୧୮୮୮, ରାକେଶ-୯୯୩୭୨୨୦୩୧୯,** ଇ-ମେଲ ଆଇଡି: orissa@auctiontiger.net
(୪) ପ୍ରସ୍ତାବ ଗୁଡ଼ିକ କେବଳ ଧାର୍ଯ୍ୟ ଫର୍ମାଟରେ ସବିଶେଷ ତଥ୍ୟ ସହିତ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ ହେବ ।
(୫) ଅନ୍‌ଲାଇନ୍‌ରେ ପ୍ରସ୍ତାବ ଦାଖଲର ଅନ୍ତିମ ଦିବସ: **ତା.୨୫.୦୪.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ।**
(୬) ଅନ୍‌ଲାଇନ୍‌ରେ ବିଡ୍ ଦାଖଲ ପୂର୍ବରୁ ଅମାନତ ଜମା **(EMD) RTGS/NEFT/Fund Transfer** ମାଧ୍ୟମରେ ଆକାଉଣ୍ଟ **ନଂ: 55640SUNCR099, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜୟଦେବ ବିହାର ଶାଖା, IFSC Code: BKID0005564** ରେ ଦାଖଲ କରାଯିବ ।
(୭) ଅନ୍‌ଲାଇନ୍‌ରେ ଦାଖଲ କରିଥିବା ସମସ୍ତ କାଗଜପତ୍ର ସହିତ ପ୍ରସ୍ତାବର ଏକ ନକଲ (**UTR No.** ଦର୍ଶାଇ) **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ୧/୧ଡି, ଜୟଦେବ ବିହାର, ଭୁବନେଶ୍ୱରଙ୍କ** ନିକଟକୁ ପଠାଇବେ କିମ୍ବା ଏଗୁଡ଼ିକର ସଫ୍ଟକପି ଗୁଡ଼ିକୁ: **bhubaneswar.ard@bankofindia.co.in** ମାଧ୍ୟମରେ ମେଲ କରିବେ । କାଗଜପତ୍ର ଗୁଡ଼ିକ **ତା.୨୬.୦୪.୨୦୧୯ରିଖ** ସୁଦ୍ଧା ପହଞ୍ଚିବା ଉଚିତ୍ ।
(୮) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ **ଟ.୫,୦୦୦/-** ର ଗୁଣିତକ ହେବା ଉଚିତ୍ ।
(୯) ସଫଳ ନିଲାମଧାରୀମାନେ କ୍ରୟ ମୂଲ୍ୟର **୨୫%** ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଉପର ଦର୍ଶିତ ୬ନଂ ନିୟମରେ ଯେପରି ଦର୍ଶାଯାଇଛି ସେପରି ଭାବେ ଦାଖଲ କରିବେ । କ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ସେମାନଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ଗ୍ରହଣ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବେ।
(୧୦) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ଇ-ନିଲାମ ପ୍ରକ୍ରିୟା ସମାପ୍ତିର ପରବର୍ତ୍ତୀ କାର୍ଯ୍ୟଦିବସରେ ଫେରସ୍ତ କରାଯିବ ।
(୧୧) ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ କରାଯିବ । ଯଦି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ ।
(୧୨) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ । ଇଚ୍ଛୁକ ନିଲାମଧାରୀମାନେ ସମ୍ପତ୍ତି ବିଷୟକ ଅନୁସନ୍ଧାନ କରି ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ମାଲିକାନା, ପରିମାଣ, ଗୁଣ ଏବଂ ବ୍ୟାଙ୍କ ଦେୟ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସନ୍ତୁଷ୍ଟ ହେବା ଉଚିତ୍ । ଅନ୍‌ଲାଇନ୍‌ରେ ପ୍ରସ୍ତାବ ଦାଖଲ ହେବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟକ କୌଣସି ଦାବୀ, ଦେୟ ଇତ୍ୟାଦି ବିଷୟ ଗ୍ରହଣ କରାଯିବ ନାହିଁ ।
(୧୩) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରସ୍ତାବକୁ ବାତିଲ କିମ୍ବା ଗ୍ରହଣ କିମ୍ବା ବିକ୍ରୟକୁ ମୁଲତବି/ସ୍ଥଗିତ/ବାତିଲ କିମ୍ବା ବିକ୍ରୟ ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି ।
(୧୪) କ୍ରେତା ଷ୍ଟାମ୍ପ ଡ୍ୟୁଟି ସହିତ ବିକ୍ରୟ ସାର୍ଟିଫିକେଟ ରେଜିଷ୍ଟ୍ରେସନ ଦେୟ, ସରକାରଙ୍କୁ ପ୍ରଦାନ କରିବାକୁ ଥିବା ସମସ୍ତ ଆଇନଗତ ଦେୟ, ସମ୍ପତ୍ତି ସମ୍ବନ୍ଧୀୟ ବର୍ତ୍ତମାନ ଏବଂ ଭବିଷ୍ୟତ ଟ୍ୟାକ୍ସ ଇତ୍ୟାଦି ବହନ କରିବେ । କେବଳ ସଫଳ କ୍ରେତାଙ୍କୁ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରାଯିବ ।
(୧୫) **ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।** ସମ୍ପତ୍ତିର ଯାଞ୍ଚ ବାହାରୁ କରାଇ ଦିଆଯିବ ।
(୧୬) ଇଚ୍ଛୁକ କ୍ରେତାମାନେ ପୂର୍ବରୁ ଯୋଗାଯୋଗ କରି ନିଜ ଖର୍ଚ୍ଚରେ ଉପରଦର୍ଶିତ ତାରିଖ ଏବଂ ସମୟରେ ସମ୍ପତ୍ତି ଯାଞ୍ଚ କରିପାରିବେ। ସମ୍ପତ୍ତି ଯାଞ୍ଚପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ।
(୧୭) ସମ୍ପତ୍ତିର ବିକ୍ରୟ ସରଫେଶୀ ଆକ୍ଟ ୨୦୦୨ ର ନିୟମାବଳୀ ଏବଂ ଉପରବର୍ଣ୍ଣିତ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
(୧୮) ସମ୍ପତ୍ତିର ଫଟୋଗ୍ରାଫ୍ ଇ-ମେଲ ମାଧ୍ୟମରେ ଅନୁରୋଧ କରାଗଲେ ପ୍ରଦାନ କରାଯିବ। ଫଟୋଗ୍ରାଫ୍ ପାଇବା ପାଇଁ **ସମ୍ପୃକ୍ତ ଶାଖା** ସହ ଯୋଗାଯୋଗ କରନ୍ତୁ ।
(୧୯) ସମ୍ପତ୍ତି ଗୁଡ଼ିକର ଭୌତିକ ଦଖଲ ପ୍ରଦାନ ନିମନ୍ତେ ବ୍ୟାଙ୍କ ଦାୟୀ ହେବ ନାହିଁ ।
(୨୦) ଯଦି ସଫଳ ନିଲାମଧାରୀ ବିକ୍ରୟ ସମାପ୍ତ ପୂର୍ବରୁ କୌଣସି ସମୟରେ ଓହରି ଯାଆନ୍ତି ତେବେ ନିଲାମ ପ୍ରକ୍ରିୟାରେ ତାଙ୍କ ଦ୍ୱାରା ଜମା କରାଯାଇଥିବା ସମସ୍ତ ଅର୍ଥ କୌଣସି ନୋଟିସ୍ ନଦେଇ ବାଜ୍ୟାପ୍ତି କରାଯିବ।
(୨୧) ଏହି ଖବରକାଗଜରେ ପ୍ରକାଶିତ ଆମର ଇ-ନିଲାମ ବିକ୍ରୟ ନୋଟିସ୍ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ **୩୦ ଦିନିଆ** ନୋଟିସ୍ ଅଟେ।
(୨୨) କୌଣସି ସମ୍ପତ୍ତି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ।
(୨୩) **କାରବାର ସମୟରେ କୌଣସି ବୈଧାନିକ ଦେୟ (ଜିଏସ୍‌ଟି, ଟିଡିଏସ୍, ଭ୍ୟାଟ୍ ଇତ୍ୟାଦି) ଯଦି କିଛି ଥାଏ ତାହା କ୍ରେତା ବହନ କରିବେ ।**

**ସ୍ଥାନ : ଭୁବନେଶ୍ୱର, ତାରିଖ : ୨୭.୦୩.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**



## ଗୁରୁତ୍ୱପୂର୍ଣ୍ଣ ସୂଚନା

### ବେଙ୍ଗାଲୁରୁ ମଣ୍ଡଳର ୟେଲାହଙ୍କା-ଧର୍ମାଭରମ୍ ସେକ୍ସନରେ ନିରାପତ୍ତା ଜନିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ସେବା ବାତିଲ୍/ଆଂଶିକ ବାତିଲ୍

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ**

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ବାତିଲ୍ ହେଉଥିବା ତାରିଖ |
| --- | --- | --- |
| 22883/22884 | ପୁରୀ-ଯଶବନ୍ତପୁର-ପୁରୀ-ଗରିବ ରଥ ଏକ୍ସପ୍ରେସ୍ | ପୁରୀରୁ ତା.29.03.2019 ରିଖ ଓ ଯଶବନ୍ତପୁରରୁ ତା.30.03.2019 ରିଖ |

**ଅନ୍ତିମ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ ସମୂହ**

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଆଂଶିକ ଭାବେ ବାତିଲ୍ ହେଉଥିବା ତାରିଖ / ଷ୍ଟେସନ ମଧ୍ୟରେ |
| --- | --- | --- |
| 18463 | ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର ଠାରୁ ତା.27.03.2019 ରିଖ ଠାରୁ ତା.04.04.2019 ରିଖ ପର୍ଯ୍ୟନ୍ତ / ସତ୍ୟସାଇ ପ୍ରଶାନ୍ତି ନିଲୟମ୍-ବେଙ୍ଗାଲୁରୁ ଷ୍ଟେସନ ମଧ୍ୟରେ |
| 18464 | ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ୍ | ବେଙ୍ଗାଲୁରୁ ଠାରୁ ତା.28.03.2019 ରିଖ ଠାରୁ ତା.05.04.2019 ରିଖ ପର୍ଯ୍ୟନ୍ତ / ବେଙ୍ଗାଲୁରୁ-ସତ୍ୟସାଇ ପ୍ରଶାନ୍ତି ନିଲୟମ୍ ଷ୍ଟେସନ ମଧ୍ୟରେ |

## ପୂର୍ବ ତଟ ରେଳପଥ
PR-566/J/18-19



## ସର୍ବସାଧାରଣ ବିଜ୍ଞପ୍ତି
### ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ
### ଶ୍ରେଇ–ସିମ୍ପ୍ଲେକ୍ସ–ଗଲ୍‌ଫାର ଜେଭି

**ମଙ୍ଗୁଳି ଟୋଲ୍ ପ୍ଲାଜାରେ ତା୦୧।୦୪।୨୦୧୯ରିଖ ୦୦:୦୦ ଘଟିକାରୁ ଲାଗୁ ହେବାକୁଥିବା ସଂଶୋଧିତ ୟୁଜର ଫି (ଟୋଲ୍) ଦର ସମ୍ପର୍କିତ ସର୍ବସାଧାରଣ ବିଜ୍ଞପ୍ତି**

ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧୀକରଣଙ୍କ ତା୨୫।୦୩।୨୦୧୯ରିଖର ପତ୍ର ମାଧ୍ୟମରେ ସଂଶୋଧିତ ୟୁଜର ଫି ଦରର ଅନୁମୋଦନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା (ଚେନେଜ୍: କି.ମି. ୩୪.୬୨୪, ଗ୍ରାମ: ହରିଅନ୍ତା, ଜିଲ୍ଲା: କଟକ )ଠାରେ ତା୦୧।୦୪।୨୦୧୯ରିଖ ୦୦:୦୦ ଘଟିକାରୁ ଜାତୀୟ ରାଜପଥ ୧୬ର କିମି ୪୧୩ରୁ କିମି ୪୧୮ ଏବଂ କିମି ୦.୦୦ରୁ କିମି ୬୨.୦୦୦ (ଭୁବନେଶ୍ୱରର ବରମୁଣ୍ଡାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ) ଅଂଶର ବ୍ୟବହାର ପାଇଁ ୟୁଜର ଫି ଦର ନିମ୍ନ ସାରଣୀ ଅନୁଯାୟୀ ସଂଶୋଧିତ ହେବାକୁ ଯାଉଛି।

| ଯାନବାହନର ବର୍ଗ | ଥରକ ଯାତ୍ରା ପାଇଁ ଦେୟ | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଦେୟ | ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଲାଗି ଦେୟ (ପାରା ୩iii ଦେଖନ୍ତୁ) |
| --- | --- | --- | --- |
| କାର୍, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୧୫ | ୧୭୫ | ୩୮୩୫ |
| ହାଲୁକା ବ୍ୟବସାୟିକ ଯାନ, ହାଲୁକା ପଣ୍ୟବାହୀ ଯାନ କିମ୍ବା ମିନି ବସ୍ | ୧୮୦ | ୨୭୦ | ୬୦୪୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଏକ୍ସିଲ୍) | ୩୭୫ | ୫୬୦ | ୧୨୪୬୫ |
| ଭାରି ନିର୍ମାଣ ଯନ୍ତ୍ରପାତି (ଏଚ୍‌ସିଏମ୍) କିମ୍ବା ଆର୍ଥ ମୁଭିଂ ଉପକରଣ (ଇଏମ୍‌ଇ) କିମ୍ବା ମଲ୍ଟି ଏକ୍ସିଲ୍ ଯାନ (୩ରୁ ୬ ଏକ୍ସିଲ୍) | ୫୭୫ | ୮୬୫ | ୧୯୨୪୫ |
| ଅତି ବଡ଼ ଯାନ (ସାତ କିମ୍ବା ଅଧିକ ଏକ୍ସିଲ୍) | ୭୨୫ | ୧୦୮୫ | ୨୪୧୬୫ |
| ଟୋଲ୍ ପ୍ଲାଜାରୁ ୨୦ କିମି ଦୂରତା ମଧ୍ୟରେ ସ୍ଥାନୀୟ ଅଣ–ବ୍ୟବସାୟିକ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ବର୍ଷ ୨୦୧୯–୨୦୨୦ ପାଇଁ ଟ.୨୬୫.୦୦ ହେବ। | | | |

୨. ଉପରୋକ୍ତ ଦର ସମ୍ପୂର୍ଣ୍ଣ ୬୭.୦୦ କିମି ଦୈର୍ଘ୍ୟ ପାଇଁ ପ୍ରଯୁଜ୍ୟ ଯାହା ମଧ୍ୟରେ ୬୪.୭୫ କିମି ଦୈର୍ଘ୍ୟର ସଡ଼କ, ୨.୨୫ କିମି ଦୈର୍ଘ୍ୟର ସେତୁ ଅନ୍ତର୍ଭୁକ୍ତ ଯାହାର ବ୍ୟୟ ଟ.୧୦ କୋଟି କିମ୍ବା ତଦୂର୍ଦ୍ଧ୍ୱ ଅଟେ।
୩. ଉପରୋକ୍ତ ଟୋଲ୍ ପ୍ଲାଜାରେ ନିମ୍ନଲିଖିତ ରିହାତି ଉପଲବ୍ଧ ଅଟେ
  (i) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ସମୟରୁ ୨୪ ଘଣ୍ଟା ମଧ୍ୟରେ ଫେରସ୍ତ ଯାତ୍ରା।
  (ii) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ତାରିଖରୁ ଏକମାସରେ ୫୦ ଏକକ ଯାତ୍ରା।
  (iii) ଟୋଲ୍ ପ୍ଲାଜାରୁ ୨୦ କିମି ମଧ୍ୟସ୍ଥ ଅଣ–ବ୍ୟବସାୟିକ ଯାନବାହନ ପାଇଁ କ୍ୟାଲେଣ୍ଡର ମାସ ପିଛା ଟ.୨୬୫/– ଦରରେ ପାସ୍।
୪. ରିହାତି ପ୍ରଦାନ ଯୋଜନା www.nhai.org/concessionagreementcj.aspରେ ଦେଖାଯାଇପାରିବ।
୫. ଛାଡ଼ପ୍ରାପ୍ତ ଯାନବାହନର ତାଲିକା ଜାତୀୟ ରାଜପଥ ଦେୟ (ଦର ନିର୍ଦ୍ଧାରଣ ଓ ସଂଗ୍ରହ) ନିୟମାବଳୀ, ୨୦୦୮ରେ ଉପଲବ୍ଧ ଅଛି।
୬. ଅନୁମତିଯୋଗ୍ୟ ଭାରରୁ ଅଧିକ ଭାର ବହନ କରିଥିବା ଯାନବାହନକୁ ପ୍ରଯୁଜ୍ୟ ଦେୟ ଦରରୁ ୧୦ ଗୁଣ ଦେୟ ପୈଠ କରିବାକୁ ହେବ ଏବଂ ରାଜପଥ ବ୍ୟବହାର ପାଇଁ ଅତିରିକ୍ତ ଭାରକୁ ଅପସାରଣ କରିବାକୁ ହେବ।
୭. ରାଜପତ୍ରରେ ପ୍ରକାଶିତ ୧୯ ଅକ୍ଟୋବର ୨୦୧୧ ତାରିଖର ଦେୟ ଅଧିସୂଚନା, ସଂଶୋଧିତ ଦର ଅନୁମୋଦନ ସମ୍ବଳିତ ତା୨୫।୦୩।୨୦୧୯ରିଖର ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣଙ୍କ ପତ୍ର ତଥା ରିହାତି ରାଜିନାମାର ବ୍ୟବସ୍ଥାପନ ଦେଖିବା ପାଇଁ ୱେବ୍‌ସାଇଟ୍ http://nhaitis.org ପରିଦର୍ଶନ କରାଯାଇପାରେ।
୮. କୌଣସି ଅନୁସନ୍ଧାନ ଏବଂ/କିମ୍ବା ଅଭିଯୋଗ/ମତାମତ ଦେବା ପାଇଁ ପ୍ରତିନିଧିଙ୍କ ନାମ ଓ ଠିକଣା ନିମ୍ନରେ ପ୍ରଦାନ କରାଗଲା:

| | ରିହାତିଗ୍ରହୀତା | ଆଇଇ | ଏନ୍‌ଏଚ୍‌ଏଆଇର ପିଆଇୟୁ |
| --- | --- | --- | --- |
| ପ୍ରତିନିଧିଙ୍କ ନାମ : | ଶ୍ରୀଯୁକ୍ତ ଅଞ୍ଜନ ପଟ୍ଟନାଏକ | ଶ୍ରୀଯୁକ୍ତ ସତ୍ୟଜିତ ବାନାର୍ଜୀ | ଶ୍ରୀଯୁକ୍ତ ଦେବ ପ୍ରସାଦ ସାହୁ |
| ଠିକଣା : | ଏସ୍‌ଜେଇପିଏଲ୍, ପ୍ଲଟ୍–୫୯୩, ପାହାଳ, ଏନ୍‌ଏଚ୍–୧୬, ଭୁବନେଶ୍ୱର | ଏସ୍‌ଏ ଇନ୍‌ଫ୍ରାଷ୍ଟ୍ରକ୍ଚର୍ କନସଲ୍‌ଟାଣ୍ଟସ୍ ପ୍ରା. ଲିଃ, ପ୍ଲଟ୍ ନଂ.: ୩–ବି/୮୪୭, ସିଡିଏ, ସେକ୍ଟର–୧୦, କଟକ | ଏନ୍‌ଏଚ୍‌ଏଆଇ, ସେତୁ ଭବନ, ନୟାପଲ୍ଲୀ, ଭୁବନେଶ୍ୱର |
| ମୋବାଇଲ ନଂ. : | +୯୧ ୯୮୫୩୦୧୦୮୨୨ | +୯୧ ୯୬୬୯୬୯୮୭୦୦ | +୯୧ ୯୪୩୭୦୬୦୭୨୩ |



"ମନୁଷ୍ୟ କ୍ଷୌର ହୋଇସାରିବା ପରେ, ତୈଳ ଲଗାଇବା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।
- ଚାଣକ୍ୟ



## ସଂକ୍ଷେପରେ

### ବ୍ଲକ ମହିଳା କଂଗ୍ରେସ ସଭାପତି ନିରୂପମା

ଚଣ୍ଡିଖୋଲ,୨୬।୩(ଡି.ଏନ.ଏ.)- ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ତାର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା ଓ ଯାଜପୁର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତିଙ୍କ ଅନୁମୋଦନକ୍ରମେ ବଡ଼ଚଣା ବ୍ଲକ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ନିରୂପମା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ତାଙ୍କ ଘର ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ କଳାଶ୍ରୀ ଗ୍ରାମରେ। ଏ ନେଇ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ଦିନରେ ବଡ଼ଚଣା ମହିଳା କଂଗ୍ରେସକୁ ଅଧିକ ସଶକ୍ତ କରିବାକୁ ନବନିଯୁକ୍ତ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କୁ ନିଯୁକ୍ତି ମିଳିଥିବାରୁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଜେନା, ଜିଲା ମହିଳା କଂଗ୍ରେସ ସଭାପତି ମହାନ୍ତି ଓ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ବଡ଼ଚଣା କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

ସିଂହପୁର,୨୬।୩(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଦାଣ୍ଡିସାହି ଗ୍ରାମରେ ସାମାଜିକ କର୍ମୀ ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ଦାସଙ୍କ ଏକାଦଶାହରେ ସୋମବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ ଦାସ ସଭାପତିତ୍ୱ କରିଥିଲେ। ରବୀନ୍ଦ୍ର ନାଥ ବେହେରା, ନାରାୟଣ ନାୟକ, ସଚିଦାନନ୍ଦ ଗୁରୁ, ଉତ୍ତମ ଦାସ, ରତ୍ନାକର ମହାକୁଳ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ଦାସ, ସୁଧାକର ବିଶ୍ୱାଳ, କିଶୋର ବେହେରା, ବସନ୍ତ ଦାସ, ଇନ୍ଦ୍ରମଣୀ ଦାସ, ଭାଗିରଥୀ ନାୟକ, ଧନେଶ୍ୱର ଦାସ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିବା ସହ ସ୍ୱର୍ଗତ ଦାସ ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଅରୁଣ ଦାସ, ପ୍ରମୋଦ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ଉତ୍କଳ ବ୍ରାହ୍ମଣ ମହାସଂଘର ଅଧିବେଶନ

ବାଲିଚନ୍ଦ୍ରପୁର,୨୬।୩(ସ୍ୱ.ପ୍ର.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁଠାରେ ସୋମବାର ଉତ୍କଳ ବ୍ରାହ୍ମଣ ମହାସଂଘର ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ମୁକ୍ତି ମଣ୍ଡପର ବରିଷ୍ଠ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର ଯୋଗଦେଇ ବ୍ରହ୍ମ ବିଦ୍ୟାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସଂଗଠନ ସଭାପତି ପଣ୍ଡିତ ରାମଚନ୍ଦ୍ର ପଣ୍ଡା ଯୋଗଦେଇ ପାଶ୍ଚାତ୍ୟ ଶିକ୍ଷା ସହ କିପରି ପ୍ରାଚ୍ୟ ବିଦ୍ୟାକୁ ଗ୍ରହଣ କରାଯାଇପାରିବ, ତାହା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୁଲଶନ୍ ମିଶ୍ର, ବିକ୍ରମ କେଶରୀ ମିଶ୍ର, ଗଗନ ବିହାରୀ ମିଶ୍ର, ବିଭୂତି ଭୂଷଣ କର ପ୍ରମୁଖ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ପଣ୍ଡିତ ଯୋଗ ଦେଇଥିଲେ।

### ବିଶ୍ୱ ଯକ୍ଷ୍ମା ଦିବସ

ଦଶରଥପୁର,୨୬।୩(ଡି.ଏନ୍.ଏ.)- ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଉମାକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେଥିବା ସଭା ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଯକ୍ଷ୍ମା ଚାମ୍ପିୟନ ସୁରେନ୍ଦ୍ର ପାତ୍ର, ପିଏଚ୍‌ଇଓ ବନିତା ଦାସ, ଏଲ୍‌ଟି ସେଫାଳି ସାହାଣୀ, ବିପିଏମ୍ ବିକାଶ ରଞ୍ଜନ ମଲ୍ଲିକ୍, ଏସ୍‌ଟିଏସ୍ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଟିବି ହାରେଗା ଦେଶ ଜିତେଗା ସ୍ଲୋଗାନ ଉପରେ ସଚେନତତା ମତବ୍ୟକ୍ତ ଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହୁଥିବା ବିଭିନ୍ନ ପଞ୍ଚାୟତର ରୋଗୀଙ୍କ ନିକଟକୁ ଯାଇ ସେମାନଙ୍କ ସେବା ସହ ରୋଗ ସଂସ୍ପର୍ଶରେ ନ ଆସିବାକୁ ଯୁବଗୋଷ୍ଠୀଙ୍କୁ ସଚେତନ କରାଇ ଅଧିକ ଗୁରୁତ୍ୱଦେବା ସମ୍ପର୍କରେ ସଭାରେ ଉପସ୍ଥିତ ଆଶା, ସୁପରଭାଇଜର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନୁରୋଧ କରିଥିଲେ। ଶେଷରେ ଏହି ବ୍ଲକର ବଉଳାଙ୍ଗଠାରେ ଚାଲିଥିବା ମେଳଣରେ ଯକ୍ଷ୍ମା ରୋଗ ସଚେତନତା ଉପରେ ସୁରେନ୍ଦ୍ର ପାତ୍ରଙ୍କ ପକ୍ଷରୁ ହଜାର ହଜାର ଲିଫ୍‌ଲେଟ୍ ବଣ୍ଟାଯାଇଥିଲା।

## କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ

# ଗଡ଼ରକ୍ଷା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

କେନ୍ଦ୍ରାପଡ଼ା ଅଫିସ, ୨୬।୩

କେନ୍ଦ୍ରାପଡ଼ାର ରାଜନେତାମାନେ ରାଜ୍ୟ ତଥା ଜାତୀୟସ୍ତରର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ଏହି ଆସନରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୭୭, ୧୯୮୦ ଓ ୧୯୮୪ରେ ଜନତା ପାର୍ଟି ତରଫରୁ ୩ ଥର ନିର୍ବାଚନ ଜିତିଥିଲେ। ତାଙ୍କ ମୃତ୍ୟୁ ପରେ ବିଜେଡି ଗଠନ ହେବା ପରଠାରୁ ଏହି ଆସନ ବିଜେଡି ଗଡ ରହିଆସିଛି। ୧୯୯୯ରେ ପ୍ରଭାତ ସାମନ୍ତରାୟ, ୨୦୦୪ରେ ଅର୍ଚ୍ଚନା ନାୟକ, ୨୦୦୯ ଓ ୨୦୧୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଏଠାରୁ ଜିତି ବିଜେଡିର ସ୍ଥିତି ମଜଭୁତ କରିଛନ୍ତି। ଏବେ କିନ୍ତୁ ପରିସ୍ଥିତି ବଦଳିଯାଇଛି। ବୈଜୟନ୍ତଙ୍କୁ ବିଜେଡିରୁ ବହିଷ୍କୃତ କରାଯିବା ପରେ ସେ ଭାଜପାରେ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଏଥିସହ ଆଗାମୀ ନିର୍ବାଚନରେ ସେ ଏହି ଆସନ ପାଇଁ ଭାଜପା ପକ୍ଷରୁ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ୨୦୧୮ରେ ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଥିଲେ ମଧ୍ୟ ପୁନର୍ବାର ଭାଜପାକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଜେଡି ପାଇଁ ଚଳିତ ନିର୍ବାଚନ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି। ଏହି ଗଡ଼ ରକ୍ଷା କରିବା ଏବେ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୨୯ରେ ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ୨ରୁ ୯ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ଏହି ସଂସଦୀୟ କ୍ଷେତ୍ର ମଧ୍ୟରେ କଟକ ଜିଲାର ସାଲେପୁର, ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ସହ କେନ୍ଦ୍ରାପଡା ଜିଲାର ପାଟକୁରା, କେନ୍ଦ୍ରାପଡା, ଆଳି, ରାଜନଗର ଓ ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏଠାରେ ୩ୟ ସ୍ଥାନରେ ଥିବା ବେଳେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାର ୩୨ଟି ଜିଲା ପରିଷଦ ଜୋନରୁ ୧୦ଟି ଅକ୍ତିଆର କରି ୨ୟ ସ୍ଥାନରେ ରହିଛି। ଏପରି ସ୍ଥିତିରେ ଏହି ଆସନକୁ ଦଖଲ କରିବା ପାଇଁ ଭାଜପା ଜୋରଦାର ପ୍ରୟାସ ଚଳାଇଛି। ଏପର୍ଯ୍ୟନ୍ତ ଭାଜପା ବ୍ୟତୀତ ଅନ୍ୟ କୌଣସି ଦଳ ଏଠାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହାନ୍ତି। ତେବେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ରାଜନୀତି ସରଗରମ ହୋଇଛି।

ଏସମ୍ପର୍କରେ ରାଜନୈତିକ ବିଶ୍ଳେଷକ ଚିତ୍ତରଞ୍ଜନ ସାହୁ, ରାଧାକାନ୍ତ ମହାନ୍ତି, ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି ଯେ, ଏହି ଆସନରୁ ବିଜୟ ଓ ବୈଜୟନ୍ତଙ୍କ ମେଳିକୁ ପ୍ରତିହତ କରିବା ପାଇଁ ବିଜେଡି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଚୟନ ଆବଶ୍ୟକ। ପୂର୍ବରୁ ରାଜ୍ୟ ବିଜେଡି ସମ୍ପାଦକ ପ୍ରମୋଦ ସାହୁ, ଅଭିନେତା ଅନୁଭବ ମହାନ୍ତି, ଆଇଏଏସ୍ ଅଧିକାରିଣୀ ସୁଜାତା କାର୍ତ୍ତିକେୟନ, ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ନାମ ଆଶାୟୀ ତାଲିକାରେ ଥିବାବେଳେ ଏବେ ଦିଲୀପ ରାୟଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି । ସେ ଏପର୍ଯ୍ୟନ୍ତ ବିଜେଡିରେ ଯୋଗଦେଇ ନଥିବା ବେଳେ ତାଙ୍କୁ ପ୍ରାର୍ଥୀ କରିବା ଲାଗି ବିଚାର ଚାଲିଛି। ଏଥିସହ ବିଜୟଙ୍କ ଏକାନ୍ତ ସହଯୋଗୀ୨୬ ନଂ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଭାଜପା ଛାଡି ବିଜେଡିରେ ଯୋଗଦେବା ସମ୍ଭାବନା ରହିଛି। ଏନେଇ ବିଜେଡି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସାମଲ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ହେଲେ ବିଜୟ ଓ ବୈଜୟନ୍ତଙ୍କ ମେଳିରେ ଫାଟ ସୃଷ୍ଟି ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଏହାଦ୍ୱାରା ଭାଜପାକୁ ଚେକ୍ ଦିଆଯାଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି ଏହି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ପୁନର୍ବାର ପ୍ରାର୍ଥୀ କରିବା ଲାଗି ଚର୍ଚ୍ଚା ହେଉଛି । ଏପରିସ୍ଥଳେ ସବୁ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ପୂର୍ବ ଶତ୍ରୁତାକୁ ନେଇ ମାରପିଟ: ଜଣେ କୋର୍ଟ ଚାଲାଣ

କୋରେଇ,୨୬।୩(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ମକୁନ୍ଦପୁର ପଞ୍ଚାୟତର ଓଷଳା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍ ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ବବୁଲ ମଲିକ (୨୨)। ପ୍ରକାଶ ଯେ, ଓଷଳା ଗ୍ରାମର ଅତିସ ଜେନା ଗାଁ ରାସ୍ତାରେ ଛିଡା ହୋଇଥିଲେ। ବବୁଲ (ଅତିସଙ୍କ ଶଳା) ସେହି ବାଟ ଦେଇ ଯିବାବେଳେ ଅତିସଙ୍କ ଦେହରେ ହାତ ବାଜିଯାଇଥିଲା। ପୂର୍ବରୁ ପାରିବାରିକ ଶତ୍ରୁତା ଥିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ପ୍ରବଳ ହେବା ସହ ପରେ ସମାଧାନ ମଧ୍ୟ ହୋଇଥିଲା। କିନ୍ତୁ ସମାଧାନ ପରେ ବବୁଲ ଓ ତାଙ୍କ ସହଯୋଗୀ ଅତିସଙ୍କ ବାପା ରଧାଶ୍ୟାମଙ୍କୁ ଆକ୍ରମଣ କରିଥିଲେ। ରାଧାଶ୍ୟାମ କଟକରେ ଚିକିତ୍ସିତ ହେଉଥିବା ବେଳେ ଏ ନେଇ ଅତିସଙ୍କ ସ୍ତ୍ରୀ ଅହଲ୍ୟା କୋରେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଭିକିପୁରରେ ଅଷ୍ଟପ୍ରହର ନାମଯଜ୍ଞ

# ହରିନାମରେ କମ୍ପିଲା ପୁରପଲ୍ଲୀ

ରସୁଲପୁର,୨୬।୩(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞୋତ୍ସବ ଗ୍ରାମରେ ୨୩ବର୍ଷ ଧରି ମହାସମାରୋହରେ ପାଳନ ହୋଇଆସୁଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ଅଷ୍ଟପ୍ରହରୀ ଉତ୍ସବରେ ସମଗ୍ର ଗାଁ ଉତ୍ସବମୁଖର ହୋଇଉଠିଥିବା ବେଳେ ହରିନାମ ଶବ୍ଦରେ କମ୍ପୁଛି ପୁରପଲ୍ଲୀ। ଏଥି ସକାଶେ ଶନିବାର ଶୁଭାଧିବାସ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ଆସ୍ଥାନ ପ୍ରତିଷ୍ଠା, ଭୂମି ପୂଜନ, ପ୍ରଭୁ ରାଧାକୃଷ୍ଣ ଓ ଚୈତନ୍ୟ ମହାପ୍ରଭୁଙ୍କ ଫଟୋଚିତ୍ର ଆସ୍ଥାନରେ ଅବସ୍ଥାନ କରାଯାଇଥିଲା। ରବିବାର ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞ କାର୍ଯ୍ୟରେ ୧୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ହରିନାମ ପରିବେଷଣ କରିଥିଲେ। ସୋମବାର ଅପରାହ୍ନରେ ନଗର ଭ୍ରମଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୀର୍ତ୍ତନ ମଣ୍ଡଳୀଙ୍କ ସହ କଳସଧାରୀମାନେ ଗ୍ରାମ ପରିକ୍ରମା କରିଥିଲେ। ମାନସିକଧାରୀମାନେ ରାସ୍ତାରେ କଳସ ସ୍ଥାପନ ଅଧିଆପଡ଼ି ଆଶିଷ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଯୋଗୁ ଗ୍ରାମବାସୀଙ୍କ ମନୋସ୍କାମନା ପୂରଣ ହେବା ସହ ବିଭିନ୍ନ କାର୍ଯ୍ୟରେ ଉନ୍ନତି ଘଟିଥାଏ ବୋଲି ଗ୍ରାମର ପୁରୁଖା ନବଘନ ମହଲା, ଯୁଧିଷ୍ଠିର ମହାଲା, ଶଙ୍କର୍ଷଣ ସାହୁ, ନିରଞ୍ଜନ ସାହୁ, ମନମ୍ଥ ଜେନା, ଦୀନବନ୍ଧୁ ସାହୁ, ଶ୍ରୀଧର ସାହୁ, ବିନୋଦ ବିହାରୀ ସାହୁ, ଗଙ୍ଗାଧର ସାହୁ, ସୁଦର୍ଶନ ଜେନା, ହରିହର ସାହୁ, ବିଶ୍ୱମ୍ଭର ପାଢୀମାନେ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ହରିଗୋସାଇଁ ରାଧାରମଣ ନାମଯଜ୍ଞ କମିଟି ପରିଚାଳନା କରିଥିଲେ।



ଭିକିପୁର ଗାଁରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ।

### ଭାଜପାର ମିଶ୍ରଣ ପର୍ବ

ବାଲିଚନ୍ଦ୍ରପୁର,୨୬।୩(ସ୍ୱ.ପ୍ର.)

ବଡ଼ଚଣା ଭାଜପା ପକ୍ଷରୁ ଅଚ୍ୟୁତବସନ୍ତ ପଞ୍ଚାୟତରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେମନ୍ତ ବଳସାମନ୍ତ ସଭାପତିତ୍ୱ କରିଥିଲେ। ରାଜ୍ୟ ଭାଜପା ମୁଖପାତ୍ର ତଥା ବଡ଼ଚଣା ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଅମର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାଜପା ମୁଖପାତ୍ର ନାୟକ ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ଭରସା କରି ବହୁ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭାଜପା ନେତା ନାୟକ ନବାଗତ କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ପଞ୍ଚାନନ ରାୟ ଓ ବଙ୍କୁଚରଣ ରାଉତଙ୍କ ଉଦ୍ୟମରେ ଆୟୋଜିତ ମିଶ୍ରଣ ପର୍ବରେ ଜିଲା ଭାଜପା ଉପସଭାପତି ଜ୍ଞାନରଞ୍ଜନ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ନାରୀନେତ୍ରୀ ଦେବଯାନୀ ପ୍ରଧାନ, ଅଚ୍ୟୁତବସନ୍ତ ସମିତିସଭ୍ୟ ଜଗୁ ସିଂ ଯାମୁଦା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଅବଗତ କରାଇବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

### ପୂର୍ବତନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଡୁବୁରୀ/ କଳିଙ୍ଗନଗର, ୨୬।୩(ଡି.ଏନ୍.ଏ.)

ବିଜେଡି ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିବା ପରେ ସୁକିନ୍ଦା ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ସୁକିନ୍ଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇ ମୃତ୍ୟୁ ପର୍ଯ୍ୟନ୍ତ ସୁକିନ୍ଦା ମାଟିର ସେବା କରୁଥିବି ବୋଲି କହିଥିଲେ। ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ ଯୋଗଦେଇ ସୁକିନ୍ଦା ଆଜି ବିକଶିତ ଓ ସମୃଦ୍ଧଶାଳି ହୋଇପରିଛି । ଆଜି ତାଙ୍କ ପିତାଙ୍କୁ ଯେଉଁ ଭଳି ଭାବେ ସମ୍ବର୍ଦ୍ଧିତ କରାଯାଇଛି। ତାହା ତାଙ୍କ ଲୋକପ୍ରିୟତାର ପ୍ରମାଣ ବୋଲି ସେ କହିଥିଲେ। ଏହି ଅବସରରେ ଅପରାହ୍ନ ୪ଟାରେ ଘଡାଇଙ୍କୁ ବ୍ରାହ୍ମଣୀ ବ୍ରିଜ ନିକଟରୁ ଏକ ବିଶାଳ ବାଇକ ରାଲିରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଦେଇ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ବହୁ ସୁକିନ୍ଦାବାସୀ ଘଡ଼ାଇଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଜିଲା ମହିଳା ବିଜେଡି ସଭାନେତ୍ରୀ ପୂଜାରାଣୀ ବଳ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ସାମଲ , ସରୋଜିନୀ ରାଜ, ଭାଗ୍ୟଲକ୍ଷ୍ମୀ ରାଉତ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଖବରଦାତା ଜିମୁତ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ପାତ୍ର, ଭଗବତୀ ମହାନ୍ତ, ଗଜେନ୍ଦ୍ର ଦେଓ, ଭରତ ଭୂଷଣ ଦେଓ, ପ୍ରଦୀପ ମହାନ୍ତି, ମହେଶ୍ୱର ଗୁରୁ, ଦେବୀ ପ୍ରସନ୍ନ ମହାନ୍ତି, ପ୍ରଦୀପ ନାୟକ, ଆଜାର ଅହମ୍ମଦ ଖାଁ, ମନୋଜ ବେହେରା, ରୁଦ୍ର ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।

### ଜିଲା ଛାତ୍ର ବିଜେଡି ସମ୍ପାଦକ ନିଯୁକ୍ତ

ଚଣ୍ଡିଖୋଲ,୨୬।୩(ଡି.ଏନ.ଏ.)

ଯାଜପୁର ଜିଲା ଛାତ୍ର ବିଜେଡି ତରଫରୁ ସଭାପତି ତାରିଣୀ ସନ୍ଧିବିଗ୍ରହ ଛାତ୍ର ସଙ୍ଗଠନକୁ ଗୁରୁତ୍ୱ ଦେଇ ଏହାର କର୍ମକର୍ତ୍ତା ନିର୍ବାଚିତ କରିଛନ୍ତି। ଏଥିରେ ବଡ଼ଚଣା ଅଞ୍ଚଳର ଅଶ୍ୱିନୀ ବଳଙ୍କୁ ଜିଲା ଛାତ୍ର ବିଜେଡିର ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିଭଳି ବିଭିନ୍ନ ବ୍ଲକରୁ ୧୧ଜଣ ଛାତ୍ର ନେତାଙ୍କୁ ନୂତନଭାବେ ସମ୍ପାଦକ ଭାବେ ନିଯୁକ୍ତି କରିଥିଲାବେଳେ ୬ ବ୍ଲକ୍‌ର ଛାତ୍ର ବିଜେଡି ସଭାପତି ନିଯୁକ୍ତି କରିଥିବା ସୂଚନା ଦେଇଛନ୍ତି।

### ଧର୍ମଶାଳା ବନ୍ଦ ପାଳନ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୬।୩(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ଜାରକା ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଦାବିକୁ ନେଇ ଧର୍ମଶାଳା ଉନ୍ନୟନ କମିଟ ପକ୍ଷରୁ ଚଳିତ ମାସ ୨୮ ତାରିଖରେ ଧର୍ମଶାଳା ବନ୍ଦ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ରବିବାର ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ସିଭିକ ସେଣ୍ଟର ପରିସରରେ ଅନୁଷ୍ଠିତ ବୈଠକରେ ବନ୍ଦ ପାଳନକୁ ଦଳମତ ନିର୍ବିଶେଷରେ ସଫଳ କରିବା ସହ ହଜାର ହଜାର ସଂଖ୍ୟାରେ ଜନସାଧାରଣ ସାମିଲ ହେବା ପାଇଁ ଆଲୋଚିତ ହୋଇଯାଇଛି। ଏହି ଦିନ ଧର୍ମଶାଳାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରାଯିବା ସହିତ ଜାରକା ବସ୍ ଷ୍ଟାଣ୍ଡଠାରେ ଏକ ବିରାଟ ପ୍ରତିବାଦ ସଭା ଆୟୋଜନ କରାଯିବ। ଏଥିରେ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଯୋଗଦେବା ପାଇଁ ଆହ୍ୱାନ କରାଯାଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜାରକା ପ୍ରତି ବୈମାତୃକ ଭାବ ବିରୋଧରେ ତଥା ଜାରକାଠାରେ ଫ୍ଲାଏ ଓଭର ବ୍ରିଜ୍ ଦାବି ସମ୍ପର୍କରେ ବଜାରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଜନସଚେତନତା ସୃଷ୍ଟି ଦିଗରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସମ୍ପାଦକ ମାନସ ରଞ୍ଜନ ଜେନା ସୂଚନା ଦେଇଛନ୍ତି। ବନ୍ଦ ପାଳନକୁ ସଫଳ କରିବା ପାଇଁ ବିଭିନ୍ନ ସବ୍ କମିଟି ଗଠନ କରାଯାଇଛି। ଏହି ଆଲୋଚନାରେ ସତ୍ୟପ୍ରିୟ ମହାନ୍ତି, ଅଶୋକ ସାହୁ, ଅନିରୁଦ୍ଧ ରାଉତ, ଅଜୟ ନାୟକ, ଶ୍ରୀକାନ୍ତ ସାହୁ, ସବ୍ୟସାଚୀ ବେହେରା, ସୁଦୀପ୍ତ ସ୍ୱାଇଁ, ବିଚିତ୍ର ସ୍ୱାଇଁ, ବିବେକାନନ୍ଦ ନାୟକ, ଯୁଧିଷ୍ଠିର ସ୍ୱାଇଁ, ଗୋଲକ ଚନ୍ଦ୍ର ପଲେଇ, ରବିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସିଦ୍ଧ ଓଳସାହି ମେଳଣ ଉଦ୍‌ଯାପିତ

ଦଶରଥପୁର,୨୬।୩(ଡି.ଏନ.ଏ.)

ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତ ଓଳସାହିର ବଉଳାଙ୍ଗ ହାଟ ପଡ଼ିଆରେ ସର୍ବପୁରାତନ ପ୍ରସିଦ୍ଧ ଓଳସାହି ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଓଳସାହି ମେଳଣ କମିଟି ପକ୍ଷରୁ ଏହି ମେଳଣ ଆୟୋଜିତ ହୋଇଆସୁଛି। କନିକାପଡ଼ା (ମଧୁପୁର) ଗ୍ରାମର ଶ୍ୟାମସୁନ୍ଦରଜୀଉ ଥାନପତି ଭାବେ ଓ ଛଟିଣା ଗ୍ରାମର ବୃନ୍ଦାବନ ଚନ୍ଦ୍ରଜୀଉ ଏକସାଙ୍ଗରେ ଆସି ମେଳଣ ପଡ଼ିଆରେ ବିରାଜିତ ହୋଇଥିଲେ। ଦଶରଥପୁର, ବିଞ୍ଝାରପୁର ବ୍ଲକ ସମେତ ପଡ଼ୋଶୀ ଭଦ୍ରକ ଜିଲାର ଧାମନଗର ଅଞ୍ଚଳରୁ ୮୭ ବିମାନ (ରାଧାକୃଷ୍ଣ) ଆସିଥିଲେ। ଚୌଧୁରୀ ଦେବପ୍ରସାଦ ରାଉତରାୟ ମହାପାତ୍ର ମୁଖ୍ୟ ପୁରୋଧା ଓ କମିଟି ପକ୍ଷରୁ ସଦାନନ୍ଦ ପୃଷ୍ଟି, କମଳଲୋଚନ ଭଞ୍ଜ, ରମାକାନ୍ତ ଭଞ୍ଜ, ରମାକାନ୍ତ ମହାପାତ୍ର, ବିଷ୍ଣୁଚରଣ ପାତ୍ର, ଗୋଲକ ଚନ୍ଦ୍ର ଦାସ, ଦିଲୀପ କୁମାର ସାମଲ, ଜ୍ଞାନେନ୍ଦ୍ର ମହାପାତ୍ର, ମୁକୁନ୍ଦ ପ୍ରସାଦ ମହାପାତ୍ର, ଗଗନ ବିହାରୀ ମହାପାତ୍ର, ବିଜୟ କୁମାର ମହାପାତ୍ର, ଉମାକାନ୍ତ ମହାପାତ୍ର, ଅଧିକାରୀ ବୃନ୍ଦାବନ ଦାସ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ କମଳିନୀ ଦାସଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୀତା ପାଠାଶାଳ (ବଉଳାଙ୍ଗ)ର ପଥ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। ୫୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନ ପଡ଼ିଥିବାବେଳେ ଗ୍ରାହକ ଓ ଶ୍ରଦ୍ଧାଳୁ ବେଶ ଆନନ୍ଦ ଉପଭୋଗ କରିଥିଲେ। ଶେଷ ଦିନରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ଭାଜପାର ବିଜୟ ସଂକଳ୍ପ ସଭା

# ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ: ଶିବରାଜ



ବଳଙ୍ଗା,୨୬।୩(ଡି.ଏନ୍.ଏ.)- ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗାରେ ମଙ୍ଗଳବାର ଭାଜପାର ବିରାଟ ପଡ଼ିଆରରେ ବିଜୟ ସଂକଳ୍ପ ସଭା ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ ପୁଲୱାମା ଆକ୍ରମଣରେ ଶହୀଦ୍‌ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସଭା ଆରମ୍ଭ କରିଥିଲେ। ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ବାଜିମାତ କରିବ ଏବଂ ନବୀନ ସରକାରଙ୍କୁ ହଟାଇବା ପାଇଁ ମନ୍ତ୍ରୀ ଆହ୍ୱାନ ଦେବାସହ ମୋଦି ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଛନ୍ତି। ବିଜେଡି ନେତା ଦେବାଶିଷ ସାମନ୍ତରାୟଙ୍କ ଆଚରଣକୁ ନେଇ ମଧ୍ୟ ସେ ସମାଲୋଚନା କରିଛନ୍ତି। ଶହୀଦ ପରିବାରର ଦାଦାଙ୍କୁ ତଣ୍ଟିଆ ମାରିଥିବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଦେଶ ପାଇଁ ବଳୀଦାନ ଦେଇଥିବା ଶହୀଦ ମନୋଜ ବେହେରାଙ୍କ ପରିବାର ପ୍ରତି ବିଜେଡି ନେତା ସାମନ୍ତରାୟ ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ଏଥିସହ ଓଡ଼ିଶାରେ ନାରୀ ଭ୍ରଷ୍ଟାଚାର, ନାରୀ ହିଂସା ବଢି ଚାଲିଛି। ତେଣୁ କୁନ୍ଦୁଲୀ ପୀଡ଼ିତାଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ନ୍ୟାୟ ମିଳି ପାରି ନାହିଁ। ଯାହାଫଳରେ ସେ ଆତ୍ମହତ୍ୟା କରିଥିଲା। ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ ଅଛନ୍ତି ବୋଲି ଶିବରାଜ ସିଂ ଚୌହାନ କହିଛନ୍ତି। ନିମାପଡା ନିର୍ବାଚନମଣ୍ଡଳୀ ଭାଜପା ବିଧାୟିକା ପ୍ରାର୍ଥିନୀ ପ୍ରଭାତୀ ପରିଡା ଯୋଗଦେଇ, ଭାଜପା ସରକାରଙ୍କୁ ଆସିଲେ ନିମାପଡ଼ାକୁ ସବଡିଭିଜନ ଘୋଷଣା କରାଯିବ ଏବଂ ବଳଙ୍ଗାକୁ ବ୍ଲକର ମାନ୍ୟତା ମିଳିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଜିଲା ସଭାପତି ପ୍ରଭନ ମହାପାତ୍ର ଯୋଗ ଦେଇଥିଲେ।

## କାମରେ ଆସୁନି ପରିବେଶ ସଚେତନତା ବାର୍ତ୍ତା

# ଧୂଳି, ଧୂଆଁରେ ଅତିଷ୍ଠ ସହରବାସୀ

- ବିନା ଘୋଡ଼ଣିରେ ଖଣିଜ ପଦାର୍ଥ ପରିବହନ ଯୋଗୁ ବଢ଼ୁଛି ପ୍ରଦୂଷଣ
- କାରଖାନାରେ ବ୍ୟବହାର ଯୋଗୁ ନିମ୍ନଗାମୀ ହେଉଛି ଭୂତଳ ଜଳରାଶି

ଯାଜପୁରରୋଡ଼,୨୬।୩(ନି.ପ୍ର.)

ପରିବେଶ ସୁରକ୍ଷା ଓ ପ୍ରଦୂଷଣ ରୋକିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ ଯାଜପୁର ଜିଲାର ସୁକିନ୍ଦା ଓ କୋରେଇ ନିର୍ବାଚନମଣ୍ଡଳୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏଠାରେ କାରଖାନା ନିର୍ମାଣ ହେବାରେ ଲାଗିଛି। ଶିଳ୍ପାଞ୍ଚଳ ବୃଦ୍ଧି ପାଇବା ଯୋଗୁ ସହରବାସୀ ଧୂଳି ଧୂଆଁରେ ଅତିଷ୍ଠ ହୋଇପଡୁଛନ୍ତି। ଅପରପକ୍ଷରେ କାରଖାନା ନିର୍ମାଣ ହେଉଥିଲେ ମଧ୍ୟ ବେକାର ସମସ୍ୟା ଦୂର ହୋଇପାରିନାହିଁ। ବ୍ୟାସନଗର ପୌର ପରିଷଦ ପାଇଁ କଳିଙ୍ଗନଗର କର୍ତ୍ତୃପକ୍ଷ ଆଞ୍ଚଳିକ ଉନ୍ନୟନମୂଳକ ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ କରାଯାଉନାହିଁ। ଶିଳ୍ପାଞ୍ଚଳର ଭାରିଯାନ ଚଳାଚଳ ଦ୍ୱାରା ସହରର ରାସ୍ତାଘାଟ ଖରାପ ହେଉଛି। ଶିଳ୍ପପତିମାନେ ସହରର ବିକାଶ ପ୍ରତି ଆଖି ବୁଜି ଦେଇଛନ୍ତି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ପ୍ରଦୂଷଣ ରୋକିବା ପାଇଁ ବହୁଥର ଆନ୍ଦୋଳନ କରିଛନ୍ତି। ନବ ଉତ୍କଳ ମହିଳା ସମିତି ସମ୍ପାଦିକା ଜୟନ୍ତୀ ଜେନା ମଧ୍ୟ ପ୍ରଦୂଷଣ ରୋକିବା ପାଇଁ ରାସ୍ତାରୋକୋ କରିଆସୁଛନ୍ତି। ବ୍ୟାସନଗର ପୌର ପରିଷଦକୁ ଆଞ୍ଚଳିକ ପାଣ୍ଠି ଯୋଗାଇ ଦେବାକୁ ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ବହୁବାର ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏ ସଂପର୍କରେ କାଉନସିଲ ବୈଠକରେ ଆଲୋଚନା ହୋଇ ସରକାରଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ଏହି ସହର ଦେଇ ଦୈନିକ କେନ୍ଦୁଝରରୁ ଖଣିଜ ପଦାର୍ଥ ବାହାରକୁ ରପ୍ତାନି କରାଯାଉଛି। ଭାରିଯାନଗୁଡ଼ିକରେ ଖଣିଜ ପଦାର୍ଥ ଖୋଲାରେ ଯାଉଥିବାରୁ ସେଥିରୁ ଲୁହାଗୁଣ୍ଡ ଉଡ଼ି ବାୟୁମଣ୍ଡଳକୁ ଦୂଷିତ କରୁଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାରିଯାନ ଚଳାଚଳ ପାଇଁ ୧୦ ବର୍ଷ ତଳେ ମିଲିଟାରୀ ଛକ, ବିଜୁ ପଟ୍ଟନାୟକ ମାର୍ଗ ନିକଟରୁ ଏକ ୫ କି.ମି. ବାଇପାସ୍ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଏଯାବତ୍ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନାହିଁ। କାରଖାନାରେ ଭୂତଳ ଜଳ ବ୍ୟବହାର ଯୋଗୁ ବ୍ୟାସନଗର ସହର ତଥା କୋରେଇ ଓ ସୁକିନ୍ଦା ଅଞ୍ଚଳରେ ଭୂତଳ ଜଳରାଶି ନିମ୍ନଗାମୀ ହେଉଛି। ଫଳରେ ନଳକୂପ, ପୋଖରୀ ଶୁଖିଗଲାଣି। ଗ୍ରୀଷ୍ମଋତୁ ଆରମ୍ଭରୁ ପାନୀୟଜଳ ସମସ୍ୟା ପରିଲକ୍ଷିତ ହେଉଛି। ଯାଜପୁରରୋଡ଼ ମଧ୍ୟ ଦେଇ ଯାଇଥିବା ଗଣ୍ଡାନାଳ ମଧ୍ୟ ପ୍ରଦୂଷିତ ହୋଇଛି। ଏହି ନାଳ ପାଣିକୁ ବ୍ୟବହାର କରି ସ୍ଥାନୀୟ ବାସୀନ୍ଦା ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଗଣ୍ଡାନାଳରେ କାରଖାନାର ବର୍ଜ୍ୟବସ୍ତୁଗୁଡ଼ିକ ମିଶୁଥିବାବେଳେ ବର୍ଷାଦିନେ ନାଳପାଣି ବିଲବାଡ଼ିକୁ ଯାଉଛି। ଫଳରେ ଧାନଗଛଗୁଡ଼ିକ ମରିଯାଉଥିବା ବହୁ ଚାଷୀ ଅଭିଯୋଗ କରୁଛନ୍ତି। ବ୍ୟାସନଗର ସମେତ ଦାନଗଦୀ ଅଞ୍ଚଳର ବହୁ ଅଞ୍ଚଳ ବର୍ଷା ପାଣିରେ କ୍ଷତିଗ୍ରସ୍ତ ହେଉଛି। ଏ ନେଇ ଚାଷୀ ପରମାନନ୍ଦ ସେଠୀ କୁହନ୍ତି, ବର୍ଷାଦିନେ ଗଣ୍ଡାନାଳର ପାଣି ବିଲବାଡ଼ିରେ ମିଶୁଛି। ଫଳରେ ଏ ଅଞ୍ଚଳର ମୁଖ୍ୟ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି। ଏଥିପାଇଁ ବହୁ ଆନ୍ଦୋଳନ ହେଉଥିଲେ ମଧ୍ୟ ଶିଳ୍ପପତି ଓ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଜୁ ପଟ୍ଟନାୟକ ମାର୍ଗ, ମିଲିଟାରୀ ଛକଠାରୁ ୨୦ ନଂ. ଜାତୀୟ ରାଜପଥରେ ସଂଯୋଗ କରୁଥିବା ଫାୟାର ଷ୍ଟେଶନ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି। ରାସ୍ତା ସମ୍ପୂର୍ଣ୍ଣ ହେବା ପରେ ବ୍ୟାସନଗର ଅଞ୍ଚଳର ଟ୍ରାଫିକ ଓ ପ୍ରଦୂଷଣ ସମସ୍ୟା ହ୍ରାସ ପାଇବ ବୋଲି ସେ କହିଥିଲେ।

